## ବାଲି ବୋଝେଇ ହାଇୱା ଜବତ

ଯାଜପୁର ଟାଉନ,(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ଜିଲା ଖଣି ଉପନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଯାଜପୁର ଜିଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖ ରାସ୍ତା ତଥା ସର୍କିଟ୍ ହାଉସ୍ ନିକଟରୁ ୩ ବାଲି ବୋଝେଇ ହାଇୱାକୁ ଜବତ କରି ଯାଜପୁର ଥାନାରେ ଜିମା ଦେଇଛନ୍ତି। ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ ଏବଂ ମାଇନିଂ ଅଫିସର ଯଶୋବନ୍ତ ସେଠୀ ଏହି ଚଢ଼ାଉରେ ନେତୃତ୍ୱ ନେଇଥିଲେ। ଯାଞ୍ଚ ସମୟରେ ଖଣି ଉପନିର୍ଦ୍ଦେଶକ ଜାଣିବାକୁ ପାଇଥିଲେ, ଏହି ଗାଡ଼ିଗୁଡ଼ିକରେ ଯାଜପୁର ଜିଲାରୁ ପଡ଼ୋଶୀ ଭଦ୍ରକ ଓ ବାଲେଶ୍ୱର ଜିଲାକୁ ଚୋରାବାଲି ଚାଲାଣ କରାଯାଉଛି।

**ସଂକ୍ଷେପରେ**

## ବିଶ୍ୱ ଯୋଗ ଦିବସ ପାଳନ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୧୯।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଆସନ୍ତା ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ଯାଜପୁର ସହରସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ପାଳନ କରାଯିବ। ଏନଇେ ଏକ ପ୍ରସ୍ତୁତି ବୈଠକ ଯୋଗଗୁରୁ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ନିଖିଳ ପଓନ କଲ୍ୟାଣ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶୁଭେନ୍ଦୁ କୁମାର ସାମଲ ଓ ନବକ୍ରିଷ୍ଣ ଜେନା ଅତିଥି ଭାବେ ଯୋଗଦେବେ। ଯୋଗ ପ୍ରଚାର ସମିତି, ପତଞ୍ଜଳି ଯୋଗ ସମିତି ଓ ଯାଜପୁରର ବିଭିନ୍ନ ସାମାଜିକ ଏବଂ ଆଧ୍ୟାତ୍ମିକ ସଂଗଠନର ମିଳିତ ଆନୁକୂଲ୍ୟରେ ସକାଳ ୬ଟାରେ ଯୋଗ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ପ୍ରବୋଧ କୁମାର ନାୟକ, ମନ୍ମଥ କୁମାର ସାମଲ, ଗୋପୀନାଥ ସେଠୀ, ସରୋଜ କୁମାର ଜେନା, ଆନନ୍ଦ ଚନ୍ଦ୍ର ସାହୁ, ଦେବେନ୍ଦ୍ର ପତି, ଦେବେନ୍ଦ୍ର ସେଠୀ, କିରଣ କୁମାର ମଲିକ, ସତ୍ୟବ୍ରତ ମହାନ୍ତି, ରତୁପର୍ଣ୍ଣା ସାହୁ, ଗୁରୁପ୍ରସାଦ ବେହେରା, ପରମାନନ୍ଦ ତ୍ରିପାଠୀ, ସୁରେନ୍ଦ୍ର ମିଶ୍ର, ସନ୍ତୋଷ କୁମାର ନନ୍ଦ ଓ ସତ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ଓଏମ୍‌ବିଏଡିସିରେ ସ୍ୱାସ୍ଥ୍ୟସେବା ଦିଗହରା

- ମଞ୍ଜୁର ୧୨.୩୯ କୋଟିରୁ ମାତ୍ର ୩.୭୧ କୋଟି ଖର୍ଚ୍ଚ
- ବ୍ୟାସନଗରରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ସ୍ୱପ୍ନ
- ଖଣି ଅଞ୍ଚଳରେ ରୋଗୀ କଲବଲ

ଯାଜପୁର,୧୯।୬(ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିକାଶ ଦିଗରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିର ବିନିଯୋଗ ଅତି ନୈରାଶ୍ୟଜନକ ରହିଛି। ଫଳରେ ସୁକିନ୍ଦା ଖଣି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବା ସହ ବ୍ୟାସନଗର ସହରରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଶ୍ରୁତି ସ୍ୱପ୍ନ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମାସିକ ଅଗ୍ରଗତି ରିପୋର୍ଟ(ଏମ୍‌ପିଆର)ରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୪ ଏପ୍ରିଲ ସୁଦ୍ଧା ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଓଏମ୍‌ବିଏଡିସି ପାଣ୍ଠିରୁ ୧୨ କୋଟି ୩୯ ଲକ୍ଷ ୬୬ ହଜାର ଟଙ୍କା ପ୍ରଦାନ କରାଯାଇଛି। ହେଲେ ବିଡମ୍ବନା ଯେ, ମାତ୍ର ୩ କୋଟି ୭୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସେଥିରୁ ୨ କୋଟି ୯୨ ଲକ୍ଷ ଟଙ୍କାର ବିନିଯୋଗ ପତ୍ର ଦାଖଲ ହୋଇଛି। ଅଧିକାଂଶ ପ୍ରକଳ୍ପ ନିର୍ମାଣ ଦାୟିତ୍ୱରେ ରହିଥିବା ପୂର୍ତ୍ତ ବିଭାଗର ଅବହେଳା ଯୋଗୁ ଏଭଳି ପରସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ବିଭାଗୀୟ ସମୀକ୍ଷା ବୈଠକର ବିବରଣୀ ଅନୁସାରେ ଜିଲା ସଦର ଡାକ୍ତରଖାନାରେ ୧୦ଟି ଲେଖାଏଁ ଇ-ଟାଇପ କ୍ୱାର୍ଟର୍ସ ନିର୍ମାଣ ପାଇଁ ଚିହ୍ନଟ ଜମି ଅତି ଖାଲୁଆ ହୋଇଥିବାରୁ ମଞ୍ଜୁର ଓଏମ୍‌ବିଏଡିସି ପାଣ୍ଠିକୁ ଫେରାଇ ନିଆଯାଇଛି।

ସୁପ୍ରିମକୋର୍ଟ ୨୦୧୭ରେ ଖଣିଜ ପଦାର୍ଥ ଲୁଟିଥିବା ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୮ ହଜାର କୋଟି ଆଦାୟ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅର୍ଥରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ଗଠିତ ହୋଇଛି। ଏହି ପାଣ୍ଠିରେ ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାର ପାନୀୟ ଜଳ ଯୋଗାଣ, ଶିକ୍ଷା(ପ୍ରଶିକ୍ଷଣ ଏବଂ କୌଶଳ ବିକାଶ), ସ୍ୱାସ୍ଥ୍ୟ(ଅଙ୍ଗନବାଡ଼ି କେନ୍ଦ୍ର ସମେତ), ଜୀବନ ଜୀବିକା, ଗ୍ରାମ୍ୟ ସଂଯୋଗୀକରଣ, ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ, ଜଳ ସଂରକ୍ଷଣ ଓ ଭୂତଳ ଜଳ ରିଚାର୍ଜ ଆଦି କ୍ଷେତ୍ରର ବିକାଶ ପାଇଁ ଅର୍ଥ ମଞ୍ଜୁର କରାଯାଉଛି। ଏହି କ୍ରମରେ ସମୀକ୍ଷା ବୈଠକର ବିବରଣୀ ରିପୋର୍ଟ ଅନୁସାରେ ଯାଜପୁର ଜିଲାର କେବଳ ପୂର୍ତ୍ତ ବିଭାଗ(ଆର ଏଣ୍ଡ ବି) ଦ୍ୱାରା ମାତ୍ର ୭ଟି ସ୍ୱାସ୍ଥ୍ୟ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଏଥିରେ ପାଣିକୋଇଲି ପୂର୍ତ୍ତ ଡିଭିଜନ ପକ୍ଷରୁ ଦାନଗଦି ସିଏଚ୍‌ସି ପରିସରରେ ୩ଟି ଷ୍ଟାଫ୍ କ୍ୱାର୍ଟର୍ସ, ସୁକିନ୍ଦା ସିଏଚ୍‌ସିରେ ମୋଡୁଲାର ଆଇସିୟୁ, ଭିଜନ ସେଣ୍ଟର, ମୋଡୁଲାର ଓଟି ଓ ସିଏସ୍‌ଏସ୍‌ଡି ସମେତ ୩ଟି ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣାଧୀନ ରହିଛି। ସେହିପରି ରସୁଲପୁର ବ୍ଲକ ମଧୁବନ ସିଏଚ୍‌ସିର ନୂତନ ବିଲଡିଂ ଓ ଧର୍ମଶାଳା ସିଏଚ୍‌ସିର ନୂତନ ଓପିଡି ବିଲ୍ଡିଂ ନିର୍ମାଣାଧୀନ ରହିଛି। ଏହାବାଦ୍ ଚାରବାଟିଆ ପୂର୍ତ୍ତ ଡିଭିଜନ ଅଧୀନରେ ବଡ଼ଚଣା ସିଏଚ୍‌ସିର ପ୍ରଶାସନିକ ଗୃହ ଓ ୨ଟି ଡି-ଟାଇପ୍ ଗୃହ ନିର୍ମାଣାଧୀନ ରହିଛି। ପାଣିକୋଇଲି ପୂର୍ତ୍ତ ଡିଭିଜନ ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଆସନ୍ତା ଡିସେମ୍ବର ସୁଦ୍ଧା ଶେଷ ହେବ ଏବଂ ଚାରବାଟିଆ ଡିଭିଜନ ଅଧୀନରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଚଳିତ ମାସ ଶେଷ ସୁଦ୍ଧା ସରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାବାଦ୍ ଜିଲା ସଦର ଡାକ୍ତରଖାନାର ଡ୍ରଗ୍ ୱାର ହାଉସର ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ସେହିପରି ୧୫୦ ଶଯ୍ୟା ବିଶିଷ୍ଟ ଯାଜପୁର ମେଡିକାଲ କଲେଜ ହସ୍‌ପିଟାଲ ପାଇଁ ୩ୟ ଓ ଶେଷ ପର୍ଯ୍ୟାୟରେ ୧୯.୫୯ କୋଟି ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ଜିଲାରେ ଓଏମ୍‌ବିଏଡିସି ପାଣ୍ଠିରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମାତ୍ର ଏତିକି ପ୍ରକଳ୍ପ ହାତକୁ ନିଆଯାଇଛି। ଜିଲାର ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବାକୁ ଅବଲୋକନ କଲେ ଜିଲାର ବିକାଶ କେତେ ତାହା ସ୍ପଷ୍ଟ ମନେ ହେଉଛି। ଏହାବାଦ୍ ଆଦିବାସୀ ଏବଂ ଖଣି ପ୍ରଭାବିତ ଅଞ୍ଚଳ ସୁକିନ୍ଦା ବ୍ଲକରେ ମଧ ସ୍ୱାସ୍ଥ୍ୟସେବାର ବିକାଶ ସେତେଟା ହୋଇ ପାରିନାହିଁ। ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗରରେ ସ୍ୱାସ୍ଥ୍ୟସେବାକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଲାଗି ଥିବା ଏହି ସହରର ଲୋକ ସଂଖ୍ୟା ବେସରକାରୀ ଭାବେ ପ୍ରାୟ ଦେଢ଼ ଲକ୍ଷକୁ ଟପିଲାଣି। ଦିନକୁ ଦିନ ସହରର ନବ କଳେବର ବୃଦ୍ଧି ପାଉଛି। ହେଲେ ସହରବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ୩୦ ଶଯ୍ୟା ବିଶିଷ୍ଟ ଏକ ସିଏଚ୍‌ସି ଉପରେ କେବଳ ନିର୍ଭରଶୀଳ। ଗତ ଦୁଇ ଦଶନ୍ଧି ହେଲା ୧୦୦ ବେଡ ବିଶିଷ୍ଟ ସୁପର ସ୍ପେଶିଆଲିଟି କିମ୍ବା ଉପଖଣ୍ଡସ୍ତରୀୟ ଡାକ୍ତରଖାନା ରାଜନୈତିକ ନେତାଙ୍କ ଭାଷଣବାଜିରେ ସୀମିତ ରହିଛି। ଫଳରେ ଅଧିକାଂଶ ରୋଗୀ ବେସରକାରୀ ଡାକ୍ତରଖାନା ଏବଂ ଔଷଧ ଦୋକାନଗୁଡ଼ିକରେ ପରାମର୍ଶ ଦେଉଥିବା ଡାକ୍ତରମାନଙ୍କ ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ହେଉଛନ୍ତି। ଗରିବ ରୋଗୀ ନିଜ ଭାଗ୍ୟକୁ ଆଦରି ସରକାରୀ ଡାକ୍ତରଖାନାରେ ପଡି ରହୁଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଶିବାଶିଷ ମହାରଣାଙ୍କୁ ପଚାରିବାରୁ ତଥ୍ୟ ସଂକ୍ରାନ୍ତରେ ଗୁରୁବାର କହିବି ବୋଲି କହିଛନ୍ତି।




## ୪ ଲକ୍ଷ ୯୦ ହଜାର ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

ବରୀ,୧୯।୬(ମହେନ୍ଦ୍ର ସ୍ୱାଇଁ): ଯାଜପୁର ଜିଲା ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଚନ୍ଦନପୁର ଗ୍ରାମର ବ୍ୟବସାୟୀ ଅଶ୍ୱିନୀ ସାମଲଙ୍କଠାରୁ ବୁଧବାର ୪ ଲକ୍ଷ ୯୦ ହଜାର ଟଙ୍କା ଲୁଟ୍ ହୋଇଛି। ୨ ଲୁଟେରା ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଥିବା ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।ଅଶ୍ୱିନୀ ତାଙ୍କ ବ୍ୟାଗରେ ଉକ୍ତ ଟଙ୍କା ଧରି ଘରୁ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନକୁ ଆସୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ତାଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ୍ ଝାମ୍ପି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଶ୍ୱିନୀ ପାଟି କରିବାରୁ ସ୍ଥାନୀୟ ଯୁବକମାନେ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ହେଲେ ପାରି ନ ଥିଲେ। ସେମାନେ ଖସି ଯିବାରେ ସଫଳ ହୋଇଥିଲେ। ଏହାପରେ ବ୍ୟବସାୟୀ ସାମଲ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରକାଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଅଜାଣ ଛକ ଓ ମନ୍ଦାରି ପଞ୍ଚାୟତର ଅନିକଣା ଛକର ମୋବାଇଲ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିଥିଲେ। ଦୁର୍ବୃତ୍ତ ଦ୍ୱୟ ଏକ କଳା ଆପାଚି ଗାଡ଼ିରେ ଯାଉଥିବା ଚିତ୍ର ସିସିଟିଭିରେ କଏଦ ହୋଇଛି। ହେଲେ ଚିତ୍ର ଅସ୍ପଷ୍ଟ ଥିବାରୁ ସେମାନଙ୍କୁ ପୋଲିସ ଏଯାଏ ଚିହ୍ନଟ କରିପାରିନାହିଁ। ଏନେଇ ଥାନାରେ ନଂ.୩୯୨।୨୪ରେ ଏକ ମାମଲା ରୁଜୁ ହୋଇଛି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍

ଯାଜପୁର ଟାଉନ,୧୯।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ଜିଲା ସଦର ମହକୁମାସ୍ଥ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନାଙ୍କ ଅଧ୍ୟକ୍ଷତା ଏବଂ ଜିଲା ଜରୁରୀ ଅଧିକାରୀ ଅଶୋକ କୁମାର ବେହେରାଙ୍କ ସଞ୍ଚାଳନରେ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏକ ଡମି ବାତ୍ୟା ମ୍ୟାସେଜ ଅନୁଯାୟୀ ଯାଜପୁର ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବ୍ଲକ, ପୌରାଞ୍ଚଳ ଏବଂ ବନ୍ୟା ବାତ୍ୟା ପ୍ରବଣ ଅଞ୍ଚଳରେ ମକ୍‌ଡ୍ରିଲ୍ କରାଯାଇଛି। ଲୋକଙ୍କୁ ତ୍ୱରିତ ମୌଳିକ ସେବା ଯୋଗାଇ ବାତ୍ୟା ଓ ବନ୍ୟାକୁ ଶତପ୍ରତିଶତ ମୁକାବିଲା କରି ଶୂନ୍ୟ ମୃତ୍ୟୁହାର ବଜାୟ ରଖିବା ଏହି ମକ୍ ଡ୍ରିଲ ପ୍ରଦର୍ଶନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାଶିଷ ମହାରଣା, ସହକାରୀ ଅଗ୍ନିଶମସେବା ଅଧିକାରୀ ସୁଶାନ୍ତ ସେଠୀ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ। ଶେଷରେ ଯାଜପାରୁ ମିଶନ ଶକ୍ତି ଭବନ ପ୍ରାଙ୍ଗଣରେ ଗ୍ୟାସ୍ ସିଲିଣ୍ଡର ଦୁର୍ଘଟଣାକୁ ଏଡାଇବା ଏବଂ ବନ୍ୟା ବାତ୍ୟା ସମୟରେ ରାସ୍ତାରେ ପଡ଼ିଥିବା ଗଛକୁ ହଟାଇବା ଓ ଲୋକମାନଙ୍କୁ ଉଦ୍ଧାର କରିବା ସମ୍ପର୍କରେ ସହକାରୀ ଅଗ୍ନିଶମ ସେବା ଅଧିକାରୀ ଏବଂ ତାଙ୍କ ଟିମ୍ ବିଭିନ୍ନ କୌଶଳ ପ୍ରଦର୍ଶନ କରି ଜନସଚେତନତା କରିଥିଲେ।


ଯାଜପୁର ମିଶନ ଶକ୍ତି ଭବନରେ ଗ୍ୟାସ୍ ସିଲିଣ୍ଡର ଦୁର୍ଘଟଣା ଉପରେ ସଚେତନତା କରାଯାଉଛି।

## କନିଷ୍ଠ କିକ୍ ବକ୍ସିଂରେ ଯାଜପୁରର ସଫଳତା



ଜିଲାପାଳ ନିଖିଳ ପବନ କଲ୍ୟାଣ କୃତୀ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଯାଜପୁର ସଦର,୧୯।୬ (ସମର ବିଜୟ ଶରଣ): ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା ପଶ୍ଚିମବଙ୍ଗର ସିଲିଗୁଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ହୋଇଥିବା ଏହି ପ୍ରତିଯୋଗିତାରେ ୱାକୋ ଓଡ଼ିଶା ତରଫରୁ ବାଳିକା ବିଭାଗରେ ଯାଜପୁରର ୬ ପ୍ରତିଯୋଗୀ ଭାଗ ନେଇ ସଫଳତା ଅର୍ଜନ କରିଛନ୍ତି। ଯାଜପୁର କିକ୍ ବକ୍ସିଂ ଦଳର ସୋନାଲୀ ଅସିମା ସୂତାର ୧ ରୌପ୍ୟ ଓ ୨ କାଂସ୍ୟ, ମୋନାଲିସା କୁଣ୍ଡୁ ୧ ରୌପ୍ୟ, ସୁନନ୍ଦା ମହାରଣା ୨ କାଂସ୍ୟ, ପ୍ରିୟଦର୍ଶିନୀ ମଲ୍ଲିକ ଓ ବର୍ଷାରାଣୀ ସାମଲ ୧ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରି ଯାଜପୁର ତଥା ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି। ଏହି ସଫଳତା ପାଇଁ ଯାଜପୁର ଜିଲାପାଳ ନିଖିଲ ପବନ କଲ୍ୟାଣ ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ଏବଂ କିକ୍ ବକ୍ସିଂକୁ ଶିଖରରେ ପହଞ୍ଚାଇବା ପାଇଁ ସମସ୍ତ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଯାଜପୁର ସ୍ପୋର୍ଟସ କିକ୍ ବକ୍ସିଂ ସଂଘ ସଭାପତି ଭବପ୍ରସାଦ ଦାସ, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର, ମିଡିଆ ପରାମର୍ଶଦାତା ତପନ ମହାନ୍ତି, ଯାଜପୁର କ୍ରୀଡା ଅଧିକାରୀ ଫକୀରମୋହନ ଟୁଡୁ, ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆ, ରଞ୍ଜନ ସୁତାର, ପ୍ରକାଶ ଲାଲା, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ସଞ୍ଜୟ ମହାରଣା, ସସ୍ମିତା ରଣା, ପ୍ରଶିକ୍ଷକ ଭାଗ୍ୟଶ୍ରୀ ମହାପାତ୍ର ଓ ରିତେନ୍ଦ୍ର ବିଶ୍ୱାଳ ପ୍ରମୁଖ କୃତୀ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଶ୍ୱ ସିକଲସେଲ୍ ରୋଗ ସଚେତନତା

ବଡ଼ଚଣା,୧୯।୬ (ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ପରିସରରେ ବିଶ୍ୱ ସିକିଲସେଲ ରୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇ ଏହି ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ମାହାଲା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଏହି ରୋଗ ପ୍ରତି ସତର୍କ ରହିବାକୁ କହିଥିଲେ। ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ ଏହି ରକ୍ତହୀନତା ରୋଗର କାରଣ ବର୍ଣ୍ଣନା କରି ଏହାର ଉପଚାର ସମ୍ବନ୍ଧରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ରଞ୍ଜିତା ସ୍ୱାଇଁ ଏହି ରୋଗ ସମୟକ୍ରମେ ସମଗ୍ର ବିଶ୍ୱକୁ କିପରି କବଳିତ କରୁଛି ତାହାର ସବିଶେଷ କାରଣ ଓ ନିରାକରଣ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଏଥିସହିତ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ଜୀବନରେ ସୁସ୍ଥ ଓ ନିରାମୟ ରହିବାକୁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ କିଶୋର କୁମାର ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପକ ନାରାୟଣ ମୁଦୁଲି, ନାରାୟଣ ନାୟକ, ପ୍ରଦୀପ କୁମାର ବରାଳ, ଶାନ୍ତନୁ କୁମାର ରାଉତରାୟ, ଶମ୍ଭୁନାଥ ହେମ୍ବ୍ରମ, ଡ. ସଞ୍ଜିତ କୁମାର ମହାନ୍ତି, ଡ. ଦୀପକ କୁମାର ମିଶ୍ର, ଅଧ୍ୟାପିକା ଅମ୍ବିକା ତ୍ରିପାଠୀ, ଡ. ସରିତା ସେଠୀ ଓ ଗୀତାଞ୍ଜଳି ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ନିରୁପମା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ବସ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ରସୁଲପୁର,୧୯।୬(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଗୋପାଳପୁର ଛକ ତେଲ ଟାଙ୍କି ନିକଟରେ ବସ୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଧର୍ମଶାଳା ଥାନା ବାରବାଟୀ ପଞ୍ଚାୟତ ଦୁର୍ଗାପୁର ଗ୍ରାମର ନିରାକାର ପ୍ରଧାନ(୪୩)। ସେ ବୁଧବାର ଅପରାହ୍ନ ପ୍ରାୟ ୪ଟା୧୦ରେ ଜାତୀୟ ରାଜପଥରେ ଯାଉଥିବା ସମୟରେ ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବନଦୁର୍ଗା(ଓଡି୦୧ଏଜେ ୦୦୮୮)ନାମକ ଯାତ୍ରୀବାହୀ ବସ ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ନିରାକାର ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଶ୍ରମିକ ଶ୍ରେଣୀର ଲୋକ। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଜୁଲାଇ ୧୫ ସୁଦ୍ଧା ଡିପିଆର ଦାଖଲ ହେବ

**ଯାଜପୁରରୋଡ୍-ଧାମରା ରେଳପଥ**

ଯାଜପୁର ଟାଉନ,୧୯।୬ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ଚାଲିଥିବା ଚୂଡ଼ାନ୍ତ ସର୍ଭେର ଡିଟେଲ୍‌ଡ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ଆସନ୍ତା ଜୁଲାଇ ୧୫ ମଧ୍ୟରେ ରେଲ୍‌ୱେ ବୋର୍ଡ ନିକଟରେ ଦାଖଲ କରାଯିବ ବୋଲି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବୁଧବାର ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ଏକ ପ୍ରତିନିଧିଦଳ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା ସହ ଆଗାମୀ ଏକ ସପ୍ତାହ ମଧ୍ୟରେ ରେଲ୍‌ୱେ ବୋର୍ଡ ନିକଟରେ ପ୍ରକଳ୍ପ ରିପୋର୍ଟ ଦାଖଲ କରିବାକୁ ଦାବି ଜଣାଇଥିଲେ। ଏହି ପ୍ରତିନିଧି ଦଳରେ ଯାଜପୁର ଲୋକ ସଭା ସଦସ୍ୟ ରବୀନ୍ଦ୍ର ନାରାୟଣ ବେହେରା, ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, ସଂଗ୍ରାମ ସମିତିର ଯୁଗ୍ମ ଆବାହକ ସର୍ବଶ୍ରୀ ମଳୟ ପଣ୍ଡା, ସତ୍ୟପ୍ରକାଶ ବେଉରିଆ, ନିର୍ମଳ ରଥ, ରାକେଶ କୁମାର ସାହୁ ଓ ସରୋଜ କୁମାର ପାଢ଼ୀ ପ୍ରମୁଖ ସାମିଲ ହୋଇଥିଲେ। ଜୁଲାଇ ମଧ୍ୟ ଭାଗରେ ସଂସଦର ମୌସୁମୀ ଅଧିବେଶନ ବସି ବାର୍ଷିକ ବଜେଟ ଚୂଡ଼ାନ୍ତ ହେବ। ତେଣୁ ଏହି ବଜେଟରେ ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ବ୍ୟୟବରାଦକୁ ସୁନିଶ୍ଚିତ କରାଯିବା ଆବଶ୍ୟକ। ଏହି କାରଣରୁ ରେଲ୍‌ୱେ ବୋର୍ଡ ପାଖରେ ଡିପିଆର ଯଦି ତୁରନ୍ତ ଦାଖଲ କରା ନ ଯାଏ ତେବେ ପ୍ରକଳ୍ପ ମଞ୍ଜୁରୀ ବିଳମ୍ବ ହୋଇ ବଜେଟରେ ବ୍ୟୟବରାଦ ହୋଇ ନ ପାରିବାର ଆଶଙ୍କା ସୃଷ୍ଟିହେବ ବୋଲି ପ୍ରତିନିଧି ଦଳ ମହା ପ୍ରବନ୍ଧକଙ୍କୁ ଅବଗତ କରିଥିଲେ। ଏହାର ପ୍ରତ୍ୟୁତରରେ ଫୁଙ୍କୱାଲ ପ୍ରତିଶ୍ରୁତି ଦେଇଥିଲେ ଯେ, ଆନୁଷଙ୍ଗିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ରିପୋର୍ଟ ଦାଖଲ କରାଯିବ। ପ୍ରକଳ୍ପକୁ ମଞ୍ଜୁରୀ ମିଳିବା ମାତ୍ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିବ। ଗତ କିଛି ବର୍ଷ ଧରି ନୂତନ ପ୍ରକଳ୍ପ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ବ୍ୟୟବରାଦ କରା ନ ଯାଇ 'ଅମ୍ବ୍ରେଲା' ଯୋଜନା ପାଇଁ ବ୍ୟୟବରାଦ ହୋଇଥିବା ଅର୍ଥରୁ ନିର୍ମାଣ କାର୍ଯ୍ୟ କରାଯାଉଛି ବୋଲି ମହାପ୍ରବନ୍ଧକ ଜଣାଇଥିଲେ।


ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କୁ ଭେଟୁଛନ୍ତି ଯାଜପୁର ରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତିର ଏକ ପ୍ରତିନିଧିଦଳ।

## ରାଜୀବ ଗାନ୍ଧୀ ଷ୍ଟାଡିୟମ ଉନ୍ନତୀକରଣ ଖୁବ୍‌ଶୀଘ୍ର

ଯାଜପୁରରୋଡ୍,୧୯।୬(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ସହରର ଏକମାତ୍ର ରାଜୀବ ଗାନ୍ଧୀ ଷ୍ଟାଡିୟମକୁ ବୁଧବାର କୋରେଇ ବିଧାୟକ ଆକାଶ ଦାସନାୟକ ପରିଦର୍ଶନ କରିଛନ୍ତି। ବିଧାୟକ ଷ୍ଟାଡିୟମ ପରିସରରେ ବୁଲି ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାସହ ଏହାର ଉନ୍ନତୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନୂତନ ଇଣ୍ଡୋର ଷ୍ଟାଡିୟମ ବୁଲି ଦେଖିବା ସହ ବାକି ଥିବା ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

ବିଧାୟକ ଷ୍ଟାଡିୟମରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ବହୁ କ୍ରୀଡ଼ାବିତ, ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ସମସ୍ୟା ବିଷୟରେ ଅବଗତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ସହ ବିଧାୟକ ଷ୍ଟାଡିୟମର ବିକାଶ ନେଇ ବିଚାର ବିମର୍ଷ କରିଥିଲେ। ତତ୍କାଳୀନ ସରକାର ଏହି ଷ୍ଟାଡିୟମର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ମାତ୍ର ନିର୍ବାଚନ ଆଚରଣ ବିଧି ଲାଗୁହେବାରୁ ଏହି କାର୍ଯ୍ୟରେ ଅଗ୍ରଗତି ହୋଇପାରିନାହିଁ।

## ପରାଜୟର ପଞ୍ଚାୟତସ୍ତରୀୟ ସମୀକ୍ଷା ହେବ

**ବଡ଼ଚଣା ବିଜେଡିର ସାଙ୍ଗଠନିକ ବୈଠକ**

ବଡ଼ଚଣା,୧୯।୬(ଦିଲୀପ କୁମାର ମହାନ୍ତି): ସାଧାରଣ ନିର୍ବାଚନରେ ପରାଜୟ ପରେ ବଡ଼ଚଣା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ(ବିଜେଡି)ର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଣ୍ଡିଖୋଲ ମହାବିନାୟକ ପୀଠଠାରେ ବୁଧବାର ଅପରାହ୍ନରେ ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୪୩ ପଞ୍ଚାୟତର ସଭାପତି, ୫ ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇ ପରାଜୟର ପଞ୍ଚାୟତସ୍ତରୀୟ ସମୀକ୍ଷା କରିବା ପାଇଁ ମତ ଦେଇଥିଲେ। ଏଥିରେ ପରାଜିତ ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମଜୟ ଲେଙ୍କା, ବିଜେଡି ନେତା ରାଜନାରାୟଣ ମହାପାତ୍ର, ଶ୍ରୀମନ୍ତିନୀ ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବଡ଼ଚଣାର ଜନସାଧାରଣଙ୍କ ପ୍ରତ୍ୟକ କାର୍ଯ୍ୟରେ ଦଳୀୟ ନେତୃବୃନ୍ଦ ସହଯୋଗ କରିବା ସହ ଜନସାଧାରଣଙ୍କୁ ସବୁ କ୍ଷେତ୍ରରେ ସୁରକ୍ଷା ଦେବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯଯାତି ରାଉତ, ଆଶିଷ ରଞ୍ଜନ ଚୌଧୁରୀ, ବିଭୁତି ନାୟକ, ପୂଜାରିଣୀ ବଳ, କୈଳାସ ରାଉତ, ରମାକାନ୍ତ ରାଉତ, ରଞ୍ଜନ ଦାସ, ପୁଷ୍ପଲତା ନାଥ, ନିରଞ୍ଜନ ସେନାପତି, ଧନେଶ୍ୱର ବେହେରା, ଦିଲୀପ ରାଉତ, ସଞ୍ଜୟ ଖୁଣ୍ଟିଆ, ଦିଲୀପ ସାମଲ, ବାସୁଦେବ ସ୍ୱାଇଁ, ମୋହିନୀ ଅହମ୍ମଦ ଓ ଅନନ୍ତ ଷେଣ୍ଡ ପ୍ରମୁଖ ଆଗାମୀ ଦିନରେ ଲୋକଙ୍କ ସହ ରହି ଦଳକୁ ଆଗକୁ ନେବାକୁ ପରାମର୍ଶ ଦେଇଥିଲେ। ଜଗନ୍ନାଥ ମୁଦୁଲି ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମୀ।

## ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି: ଅଭିଯୁକ୍ତ ଗିରଫ

କୁଜଙ୍ଗ,(ମନୋଜ ପ୍ରଧାନ): କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ଚୋରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏଥିସହ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ହେଲେ ଏହି ଗ୍ରାମର ପ୍ରଶାନ୍ତ ଦାସ। ସୋମବାର ଏହି ଗ୍ରାମର କିଶୋର ରାଉତଙ୍କ ଘର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ସୁନା ମଙ୍ଗଳସୂତ୍ର ଓ ଶଙ୍ଖା ଚୋରି କରିନେଇଥିଲେ। ଏନେଇ କିଶୋର କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (ନଂ.୨୭୩/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପ୍ରଶାନ୍ତ ଏହି ଚୋରି କରିଥିବା ଜାଣିବା ପରେ ତାଙ୍କୁ ଘରୁ ପୋଲିସ ଧରିଥିଲା।

## ଭାରସାମ୍ୟ ହରାଇ ରାସ୍ତା ମଝିରେ ଓଲଟିଲା ପିକ୍‌ଅପ୍ ଭ୍ୟାନ୍

ଆଳି, ୧୯।୬ (ବନମାଳୀ ସେନାପତି)

କଟକ-ଚାନ୍ଦବାଲି ରାସ୍ତାର ଆଳି ଥାନା ଅନ୍ତର୍ଗତ ଡାକବଙ୍ଗଳା ଛକ ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ରାସ୍ତାମଝିରେ ଓଲଟି ପଡ଼ିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବୁଧବାର ସକାଳେ ପଟ୍ଟାମୁଣ୍ଡାଇ ପଟରୁ ଆଳି ଆଡ଼କୁ ଏକ ଖାଲି ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସୁଥିବା ବେଳେ ଗାଡ଼ିଟି କଟକ-ଚାନ୍ଦବାଲି ରାସ୍ତାର ଆଳି ଭୂଇଁପୁର ଛକ ଅତିକ୍ରମ କରିବା ପରେ କ୍ରିଷ୍ଣା ହୋଟେଲ ସମ୍ମୁଖ ରାସ୍ତାରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଭ୍ୟାନ୍‌ଟି ଓଲଟି ପଡ଼ିବା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇ ଯାଇଥିଲେ। ଭ୍ୟାନ୍ ମଧ୍ୟରୁ ଚାଳକଙ୍କୁ ଉଦ୍ଧାର କରିଥିଲେ। ଚାଳକ ଜଣକ ଆହତ ହୋଇଥିବା ଜଣାପଡ଼ିଛି। ଭ୍ୟାନ୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିବାରୁ କିଛି ସମୟ ପାଇଁ ଯାତାୟାତରେ ବାଧା ଉପୁଜିଥିଲା। କିଛିଦିନ ହେବ କଟକ-ଚାନ୍ଦବାଲି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଛି। ଗତ ୪ ଦିନ ପୂର୍ବେ ବିଳମ୍ବିତ ରାତିରେ ସେହି ସ୍ଥାନରେ ଦୁର୍ଘଟଣା ଘଟି ଆଳି ଅଞ୍ଚଳର ଜଣେ ଯୁବ ବ୍ୟବସାୟୀଙ୍କ ପରଲୋକ ଘଟିଥିଲା।

# ବର୍ଗାକୃତି ଫାଶ ଜାଲ ବ୍ୟବହାର କରନ୍ତୁ ମତ୍ସ୍ୟଜୀବୀ



ବୈଠକରେ ଯୋଗଦେଇଥିବା ଏମ୍‌ପିଇଡିଏର ସଦସ୍ୟମାନେ।





ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

ପାରାଦୀପ,୧୯।୬(ଶରତ ରାଉତ)

### ସଚେତନତା ରଥ ଜରିଆରେ ଓଡ଼ିଶାରେ ପ୍ରଚାର କରିବ ଏମ୍‌ପିଇଡିଏ

ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର ପରିସରରେ ଥିବା ପରିଚାଳନା ସମିତି ସଭାଗୃହରେ ବୁଧବାର ଏମ୍‌ପିଇଡିଏ (ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ଉନ୍ନୟନ କର୍ତ୍ତୃପକ୍ଷ)ପକ୍ଷରୁ ବର୍ଗାକୃତି ଜାଲ ବ୍ୟବହାର ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟଜୀବୀମାନେ ଏହି ଜାଲ ବ୍ୟବହାର କରିବା ପାଇଁ ଏକ ଏମ୍‌ପିଇଡିଏ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କୁ ଆହ୍ୱାନ ଦିଆଯାଇଛି। ଏନେଇ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଏହା ଓଡ଼ିଶା ସାରା ବୁଲି ମତ୍ସ୍ୟଜୀବୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବ ବୋଲି ଏମ୍‌ପିଇଡିଏ ପକ୍ଷରୁ କୁହାଯାଇଛି। ଏମ୍‌ପିଇଡିଏ ଉପ ନିର୍ଦ୍ଦେଶକ (ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଭାରତ ସରକାର)ଅର୍ଚିମାନ ଲାହିରି ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଇଡିଏ ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ, ସହକାରୀ ମତ୍ସ୍ୟ ଅଧିକାରୀ ବିଜୟ କୁମାର କର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପାରାଦୀପ ମାଛଧରାବନ୍ଦର ମଧ୍ୟରୁ ସମୁଦ୍ରକୁ ଯାଉଥିବା ସମସ୍ତ ବୋଟ୍ ଓ ଡଙ୍ଗା ମତ୍ସ୍ୟଜୀବୀମାନେ ପୂର୍ବରୁ ବ୍ୟବହାର କରୁଥିବା ହୀରକାକୃତି ଫାଶ ଜାଲ ବଦଳରେ ବର୍ଗାକୃତି ଫାଶ ଜାଲ ନେବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା। କାରଣ ହୀରକାକୃତି ଫାଶ ଜାଲ(ସାଧାରଣତଃ ଠିକିରି ସଦୃଶ)ବ୍ୟବହାର କରିବା ଦ୍ୱାରା ଛୋଟ ମାଛ ଓ ଯାଆଁଳଗୁଡିକ ମରିଯାଉଛନ୍ତି। ଏହାଦ୍ୱାରା ମାଛ ବଂଶ ବୃଦ୍ଧି ହେବାରେ ବାଧକ ହେଉଛି। ବର୍ଗାକୃତି ଫାଶ ଜାଲ ବ୍ୟବହାର କଲେ ଯାଆଁଳ ଓ ଛୋଟ ମାଛ ସହଜରେ ବାହାରିଯିବେ ବୋଲି ଉପ ନିର୍ଦ୍ଦେଶକ ଲାହିରି କହିଥିଲେ। ଏପରି ଜାଲ ବ୍ୟବହାର କଲେ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରେ ବୋଟ ଉପରେ କରୁଥିବା ଶୁଖୁଆ ଆଉ ହେବ ନାହିଁ ବୋଲି ଓମ୍ପା ସଭାପତି ପରିଡ଼ା କହିଥିଲେ। ଏବେ କେନ୍ଦ୍ର ସରକାର ସାଗରମାଳା ଯୋଜନାରେ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ଅନେକ ନିୟମ କରିଛନ୍ତି। ସେହି ଯୋଜନା ଅଧୀନରେ ମତ୍ସ୍ୟଜୀବୀମାନଙ୍କୁ ଏମ୍‌ପିଇଡିଏ ଓ ପାରାଦୀପ ବନ୍ଦର ପକ୍ଷରୁ ବର୍ଗାକୃତି ଜାଲ ଯୋଗାଇ ଦିଆଯାଇଛି। ଏବେ ସୁଦ୍ଧା ପ୍ରାୟ ୩୦୦ରୁ ଅଧିକ ଜାଲ ପ୍ରଦାନ କରାଯାଇଛି। ଆଗକୁ ସମସ୍ତ ରାଜ୍ୟର ମାଛଧରା ବୋଟ୍‌ଗୁଡିକ ଏହି ଜାଲ ବ୍ୟବହାର କରିବେ। ଏହି ଜାଲକୁ ବାଧ୍ୟତାମୂଳକ ବ୍ୟବହାର କରିବା ପାଇଁ ଆଗକୁ ଆଇନ ପ୍ରଣୟନ ହେବାକୁ ଯାଉଛି ବୋଲି ଲାହିରି କହିଥିଲେ। ବୈଠକ ଶେଷରେ ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଲିଫ୍ଟ ଦେଇ ବୃଦ୍ଧାଙ୍କ ଭତ୍ତା ଟଙ୍କା ନେଇ ଛୁ

ନାଉଗାଁ,୧୯।୬ (ସୁଧା ବେହୁରା)

ନାଉଗାଁ ବ୍ଲକ ଜାମୁଗାଁ ପଞ୍ଚାୟତ କଣିପଡା ଗ୍ରାମରେ ଜଣେ ବୃଦ୍ଧା ଭତ୍ତା ଟଙ୍କା ନେଇ ଆସୁଥିବାବେଳେ ଠକାମିର ଶିକାର ହୋଇଛନ୍ତି। ବୃଦ୍ଧା ଜଣକ ହେଲେ ଉକ୍ତ ଗ୍ରାମର ଲକ୍ଷ୍ମୀ ସେଠୀ( ୭୦)। ତାଙ୍କ କହିବାନୁସାରେ, ସେ ବାର୍ଦ୍ଧକ୍ୟ ଭତ୍ତା ଆଣିବା ପାଇଁ ଏକରୁଖା ନିକଟସ୍ଥ ପଞ୍ଚାୟତ କାର୍ଯ୍ୟାଳୟକୁ ବୁଧବାର ଚାଲିକରି ଯାଉଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ସହ କଥା ହୋଇଥିଲେ। ବାଇକ୍‌ରେ ନେଇ ପଞ୍ଚାୟତ କାର୍ଯ୍ୟାଳୟରେ ଲକ୍ଷ୍ମୀଙ୍କୁ ଛାଡ଼ିଦେବେ ବୋଲି କହିଥିଲେ। ସମ୍ପୃକ୍ତ ଯୁବକ ଲକ୍ଷ୍ମୀଙ୍କୁ ମା' ବୋଲି ସମ୍ବୋଧନ କରି ବିଶ୍ୱାସ ଜନ୍ମାଇଥିଲେ। ଯୁବକଙ୍କ କଥା ଶୁଣି ଲକ୍ଷ୍ମୀ ତାଙ୍କ ସହ ବାଇକ୍‌ରେ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ଭତ୍ତା ବାବଦରେ ୧ ହଜାର ଟଙ୍କା ଆଣିଥିଲେ। ଉକ୍ତ ଯୁବକ ଜଣକ ପୁନର୍ବାର ତାଙ୍କୁ ଘରକୁ ଆଣି ଆସିବା ବାଟରେ ଲକ୍ଷ୍ମୀ ଚାଉଳ କିଣିବା ପାଇଁ ମୁଣ୍ଡାଳ ବଜାର ଯିବେ ବୋଲି କହିଥିଲେ। ମୁଣ୍ଡାଳ ନିକଟରେ ଯୁବକ ଜଣକ ଲକ୍ଷ୍ମୀଙ୍କୁ ପହଞ୍ଚାଇ ଦେବାପରେ ଏକ ସ୍ଥାନରେ ବସାଇ ଦେଇ ଚାଉଳ କିଣି ଆଣିଦେବେ ବୋଲି କହିଥିଲେ। ଲକ୍ଷ୍ମୀ ତାଙ୍କୁ ୧ ହଜାର ଟଙ୍କା ଦେଇଥିଲେ। ଉକ୍ତ ଟଙ୍କା ନେଇ ଯୁବକ ଜଣକ ସେଠାରୁ ପଳାଇ ଯାଇଥିଲେ। କିଛି ସମୟ ବସିବା ପରେ ସେ ନ ଆସିବାରୁ ଲକ୍ଷ୍ମୀ ସ୍ଥାନୀୟ ଦୋକାନରେ ଘଟଣା ସମ୍ପର୍କରେ କହିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ହକି ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ ପରୀକ୍ଷାରେ ପାରାଦୀପର ୨ ଛାତ୍ରଙ୍କୁ ସଫଳତା



ସମ୍ବିତ କୁମାର ସାମଲ



ନିଖିଲ କୁମାର ରାଉତ

ପାରାଦୀପ, ୧୯।୬ (ଶରତ ରାଉତ)

ଝାଡ଼ଖଣ୍ଡ ଜାମଶେଦପୁରଠାରେ ହକି ଇଣ୍ଡିଆ ଟେକ୍ନିକାଲ ଅଫିସିଆଲ ପରୀକ୍ଷା ଗତ ୧୫ ରୁ ୧୮ ତାରିଖ ମଧ୍ୟରେ ହୋଇଥିଲା। ଏଥିରେ ପାରାଦୀପ ପିପିଏଲ୍ ଡିଏଭି ସ୍କୁଲର ୨ ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ସମ୍ବିତ ସାମଲ ଓ ନିଖିଲ ରାଉତ। ଏହି ଦୁଇ ଛାତ୍ର ଜାତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିବେ। ସମ୍ବିତଙ୍କ ବାପା ଅଶୋକ ସାମଲ ଓ ନିଖିଲଙ୍କ ବାପା ନୃସିଂହ ରାଉତ ପିପିଏଲ୍‌ର କର୍ମଚାରୀ। ଏପରି ସଫଳତା ପାଇଁ ପିପିଏଲ୍ ମାନବ ସମ୍ବଳ ଅଧିକାରୀ ସୁମିତ୍ କୁମାର ସେନାପତି, ଡିଏଭି ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଏବଂ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଶୁଭେଚ୍ଛା ଜଣାଇଛନ୍ତି।

## ସିଆର୍‌ପିଙ୍କ ଇସ୍ତଫା ଦାବିକଲେ ୧୧ ମହିଳା ସଂଘ

ଏରସମା,୧୯।୬ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଗଡ଼ବିଶ୍ୱନପୁର ପଞ୍ଚାୟତ ଅନ୍ତର୍ଗତ ବଉଳିପୁର ସିଆର୍‌ପି ସୁକାନ୍ତି ଜେନାଙ୍କୁ ନିଲମ୍ବନ କରିବାକୁ ଦାବି କରି ବୁଧବାର ୧୧ଟି ସ୍ୱୟଂ ସହାୟକ ସଂଘର ସଦସ୍ୟା ପଞ୍ଚାୟତରେ କାର୍ଯ୍ୟାଳୟରେ ଆନ୍ଦୋଳନ କରିବାକୁ ଏକତ୍ରିତ ହୋଇଥିଲେ। ଖବରପାଇ ବିଡିଓଙ୍କ ପକ୍ଷରୁ ମିଶନଶକ୍ତି ଜଣେ କାର୍ଯ୍ୟକର୍ତ୍ତା ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଛନ୍ତି। ସଦସ୍ୟାମାନଙ୍କ ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ସୁକାନ୍ତି ଗାଈ ଋଣ, ଛେଳି ଋଣ କରାଇଦେବା ପାଇଁ ଅର୍ଥ ଦାବି କରିବା ସହ ଗୁହାଳ, ମୋ ବଗିଚା, ପାଇଖାନା ଇତ୍ୟାଦିର ନିର୍ମାଣରେ ଆର୍ଥିକ ଅନିୟମିତତା କରିଛନ୍ତି। ଏନେଇ ପୂର୍ବରୁ ସେମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଖବରପାଇ ବିଡିଓଙ୍କ ପରାମର୍ଶ କ୍ରମେ ମିଶନ ଶକ୍ତି ପକ୍ଷରୁ ଜ୍ଞାନରଞ୍ଜନ ବାରିକ ସମ୍ପୃକ୍ତ ପଞ୍ଚାୟତକୁ ଆସି ମହିଳାଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଉପରେ ତଦନ୍ତ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି ବୋଲି ବାରିକ କହିବା ପରେ ମହିଳାମାନେ ଆନ୍ଦୋଳନରୁ ନିବୃତ୍ତ ହୋଇଥିଲେ। ଏହି ଆନ୍ଦୋଳନରେ ମହିଳା ସଂଘ ପକ୍ଷରୁ ରଞ୍ଜିତା ମହାପାତ୍ର, ସୁଭାଷିନୀ ସ୍ୱାଇଁ, ପୂଜା ମଳିକ, ପୁଷ୍ପା ଧଡା, ତୁଳସୀ ବାରିକ, ଆରତୀ ସ୍ୱାଇଁ, ଝିଲିରାଣୀ ସ୍ୱାଇଁ, ନିରୁପମା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏସମ୍ପର୍କରେ ସିଆର୍‌ପି ଜେନା କୁହନ୍ତି, ଗାଁର ଏକ ବିବାଦକୁ ନେଇ ମହିଳାମାନେ ତାଙ୍କ ବିରୋଧରେ ମିଥ୍ୟା ଦୋଷାରୋପ କରୁଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଏକତ୍ରିତ ହୋଇଛନ୍ତି।

## ଅନ୍ତର୍ଜାତୀୟ ଯୋଗ ଦିବସ ବ୍ୟାପକ ହେବ



ପ୍ରସ୍ତୁତି ବୈଠକରେ ଜିଲାପାଳ ଅନୁପମ ଶାହା ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଜଗତ୍‌ସିଂହପୁର, ୧୯।୬ (ପ୍ରମୋଦ କୁମାର ନାୟକ)

### ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି

ସମଗ୍ର ବିଶ୍ୱରେ ଆସନ୍ତା ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହେବ। ଏହାକୁ ଜିଲାସ୍ତରରେ ବ୍ୟାପକ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅନୁପମ ଶାହାଙ୍କ ପୌରୋହିତ୍ୟରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲାବ୍ୟାପୀ ଦିବସ କିପରି ପାଳନ କରାଯିବ ତା'ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୨୧ ତାରିଖ ସକାଳ ୭ରୁ ୮ଟା ଭିତରେ ଜିଲାର ସମସ୍ତ ସ୍କୁଲ, କଲେଜ, ବ୍ଲକ, ପୌର ପରିଷଦ ଏବଂ ଜିଲା ସଦର ମହକୁମାରେ ଏହି ଦିବସ ପାଳନ କରାଯିବ। ବିଶେଷକରି ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହେବ। ସେହିପରି ପାରାଦୀପ ପାଇଁ କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ଏହି ଦିବସ ପାଳନ ଲାଗି ନିଷ୍ପତ୍ତି ନିଆଯାଇଛି। ଜିଲାସ୍ତରରେ ୫୦୦, ବ୍ଲକସ୍ତରରେ ୨୦୦ ଓ ଆନୁଷ୍ଠାନିକସ୍ତରରେ ୧୦୦ ଜଣ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ଏହି ଦିବସ ପାଳନ କରାଯିବ। ଜିଲାର ସାଧାରଣ ଜନତା, ଛାତ୍ରୀଛାତ୍ର, ଯୁବତୀ, ଯୁବକ, ମହିଳା, ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଏଥିରେ ଭାଗନେଇପାରିବେ। ମାଷ୍ଟର ଯୋଗ ପ୍ରଶିକ୍ଷକମାନେ ଯୋଗଶିକ୍ଷା ଦେବେ। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଉପନିର୍ଦ୍ଦେଶିକା ସବିତା ସାହୁ, ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଗୀ ସେବାକୁ ପ୍ରାଥମିକତା ଦିଅ



ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖୁଛନ୍ତି।

ରଘୁନାଥପୁର, ୧୯।୬ (ରାଜେନ୍ଦ୍ର ନାରାୟଣ ସିଂହ)

### ତିର୍ତ୍ତୋଲ ବିଧାୟକଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ବୁଧବାର ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ରୋଗୀସେବା, ନିରାମୟ ଔଷଧ ଓ ବିଭିନ୍ନ ସମସ୍ୟା ଉପରେ ତର୍ଜମା କରି କ୍ଷୁବ୍ଧ ହେବାସହ କାର୍ଯ୍ୟରତ ଡାକ୍ତରମାନେ ରୋଗୀସେବାକୁ ପ୍ରାଥମିକତା ଦେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ସୁପରିଣ୍ଟେଣ୍ଡେଣ୍ଟ ଡା. ସୁକାନ୍ତ କୁମାର ଦଳେଇ ନିଜର ଅସହାୟତା ପ୍ରକାଶ କରିଛନ୍ତି। ଡାକ୍ତରମାନେ ନିର୍ଦ୍ଦେଶକୁ ପାଳନ କରିବା ପରିବର୍ତ୍ତେ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ବିଧାୟକ ଡା.ଭୋଇ ପୂର୍ବାହ୍ନ ୧୧ଟାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ପ୍ରଥମେ ସେ ଆଉଟଡୋର ଯାଇ ରୋଗୀଙ୍କ ଲମ୍ବା ଲାଇନ ଲାଗିଥିବା ଦେଖିଥିଲେ। ଏଥିସହ ରୋଗୀ ସେବାରେ ଜଣେ ମାତ୍ର ଡାକ୍ତର ଥିବାରୁ ସେ କ୍ଷୁବ୍ଧ ହୋଇଥିଲେ। ଏ ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସୁକାନ୍ତ କୁମାର ଦଳେଇଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଥିଲେ। ୪ ଜଣ ଡାକ୍ତର ସେମାନଙ୍କ ଉଚ୍ଚତର ଶିକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଛୁଟିରେ ଯାଇଥିବାରୁ ବାକି ୩ ଜଣ ଡାକ୍ତରଙ୍କୁ ନେଇ ଆଉଟ୍‌ଡୋର ଚାଲୁଛି ବୋଲି ଡା. ଦଳେଇ ପ୍ରକାଶ କରିଥିଲେ। ବିଧାୟକ ଡ. ଭୋଇ ସ୍ତ୍ରୀ ଓ ପ୍ରସୂତୀ ଗୃହ, ରକ୍ତ ଓ ମଳମୂତ୍ର ପରୀକ୍ଷାଗାର, ରୋଗୀଙ୍କ ୱାର୍ଡ, ପ୍ରତୀକ୍ଷାଳୟ ଓ ଅନ୍ୟାନ୍ୟ ସେବା ଉପଲବ୍ଧ ଗୃହ ବୁଲି ଦେଖିଥିଲେ। ଗତ ୨ମାସ ତଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରାତି ସମୟରେ ୨ ଜଣ ଡାକ୍ତର ରହିବା, ଡିଜିଟାଲ ପରିବର୍ତ୍ତେ ମାନୁଏଲ ବିପି ମେଶିନରେ ବିପି ମାପିବା ଏବଂ ଅନ୍ୟାନ୍ୟ ୫ ଦଫା ଦାବି ନେଇ ସାମାଜିକ କର୍ମୀ ସରିତ ମହାପାତ୍ରଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଦାବି ମୁତାବକ ରାତି ସମୟରେ ୨ ଜଣ ଡାକ୍ତରଙ୍କୁ ଡ୍ୟୁଟି କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଏହାର ଏକ ତାଲିକା ସୂଚନା ଫଳକରେ ପ୍ରଦର୍ଶିତ ହୋଇଥିଲା। ମାତ୍ର ଦିନେ ୨ ଦିନ ପରେ ଡାକ୍ତରମାନେ ଏହି ନିର୍ଦ୍ଦେଶକୁ ବେଖାତିର କରି ନିଜ ଇଚ୍ଛା ମୁତାବକ ଡ୍ୟୁଟି କରିଥିଲେ। ଏନେଇ ଡା. ଦଳେଇ ନିଜର ଅସହାୟତା ପ୍ରକାଶ କରିଥିଲେ। ଉକ୍ତ ସମସ୍ୟାକୁ ନେଇ ବିଧାୟକ ଡ. ଭୋଇ ଚିନ୍ତା ପ୍ରକଟ କରିବା ସହ ଆଗାମୀ ପଞ୍ଚାୟତ ସମିତି ବୈଠକରେ ଏ ସମ୍ପର୍କରେ ତର୍ଜମା କରାଯିବ ବୋଲି କହିଛନ୍ତି। ବିଧାୟକଙ୍କ ଏହି ଗସ୍ତ ସମୟରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏବଂ ବିଜେଡି ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଯୁଗ୍ମ ଜନଶୁଣାଣି ଶିବିରରେ ୨୯ ଅଭିଯୋଗ

ଜଗତ୍‌ସିଂହପୁର, ୧୯।୬(ପ୍ରମୋଦ କୁମାର ନାୟକ)

ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ଶିବିରରେ ଏସ୍‌ପି ରାହୁଲ ପିଆର୍, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ୍ କୁମାର ରାଉତ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବୁଧବାର ମୋଟ ୨୯ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୨୨ ଓ ଗୋଷ୍ଠିଗତ ତଥା ଗ୍ରାମ ସମସ୍ୟା ସମ୍ପର୍କିତ ୭ଟି ଅଭିଯୋଗ ରହିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୧, ଆବାସ ଯୋଜନା ୧, ଜମିଜମା ସମସ୍ୟା ସମ୍ପର୍କିତ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲେ ସୁଦ୍ଧା ୧ଟିର ତତ୍କାଳ ଫଇସଲା ସମ୍ଭବ ହୋଇଥିଲା। ଏହି ଶିବିରରେ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ରବିନାରାୟଣ ଜେଠୀ, ଜଗତ୍‌ସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୧୧ଜଣ ଭିନ୍ନକ୍ଷମ ଦମ୍ପତି (ଜଣେ ଭିନ୍ନକ୍ଷମ)ଙ୍କୁ ୨.୫ ଲକ୍ଷ ହିସାବରେ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା।

## ଉଦ୍ଧାର କୌଶଳ ଶିଖାଇଲେ ଅଗ୍ନିଶମ, ଓଡ୍ରାଫ୍ ଟିମ୍

କୁଜଙ୍ଗ/ଏରସମା,୧୯।୬ (ମନୋଜ ପ୍ରଧାନ/ଦୀପ୍ତି ଖଣ୍ଡୁଆଳ)





ଏରସମା ଓ କୁଜଙ୍ଗଠାରେ ଅନୁଷ୍ଠିତ ମକ୍‌ଡ୍ରିଲ୍‌ରେ ପ୍ରାକୃତିକ ବିପଦ ବିପର୍ଯ୍ୟୟର ମୁକାବିଲା ପାଇଁ କୌଶଳ ପ୍ରଦର୍ଶନ କରାଯାଉଛି।

ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ କୁଜଙ୍ଗ ଓ ଏରସମା ବ୍ଲକ୍‌ର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ବ୍ଲକର ବାତ୍ୟା ଆଶ୍ରୟସ୍ଥଳୀ ଯଥାକ୍ରମେ ନୂଆଗଡ, ନିମିଢି, ପିମ୍ପଳ, ମଙ୍ଗରାଜପୁର, ଗଣ୍ଡକିପୁର, ଫତେହପୁର, ପାନପଲ୍ଲି, ବଉଳାଙ୍ଗ, ବଡ଼ବନ୍ଧ , ଜିଲାନାଶି, ସାହାରାଡିଆ, କାଠକୋଟ, ବଡ଼ବାଲିକନି ପ୍ରଭୃତି ବାତ୍ୟା ଆଶ୍ରୟସ୍ଥଳୀରେ ଏହି ମକ୍‌ଡ୍ରିଲ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବ ପ୍ରଶିକ୍ଷିତ ଆପଦମିତ୍ରମାନେ ବାତ୍ୟା ଓ ବନ୍ୟା ସମୟରେ କିପରି ଜନସାଧାରଣଙ୍କୁ ଉଦ୍ଧାର କରିବେ ସେସମ୍ପର୍କିତ କୌଶଳ ପ୍ରଦର୍ଶନ କରିଥିଲେ। ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ସାମିଲ ହୋଇ ଉଦ୍ଧାର ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ପ୍ରାଥମିକ ଚିକିତ୍ସା କିପରି କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ ମକ୍‌ଡ୍ରିଲରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ସାଧାରଣ ପରିଚାଳିକା ସୁନୀତା ଜେନା, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କିଶୋର ମହାନ୍ତି ଓ ନୋଡାଲ ଏଜେନ୍ସି ଶ୍ରଦ୍ଧାର ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ବାରିକ ଓ ବାତ୍ୟା ଆଶ୍ରୟ ସ୍ଥଳୀର ସମ୍ପାଦକଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବାତ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଥିବା ବିଭିନ୍ନ ସରଞ୍ଜାମ ପରୀକ୍ଷା କରାଯାଇଥିଲା। ସେହିପରି ଏରସମା ବ୍ଲକ ଢ଼ିଙ୍କିଆ ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଯୋଜକ ଭାବେ ଯୋଗଦେଇଥିଲେ। ଓସ୍‌ଡମାର ନୋଡାଲ ଏନ୍‌ଜିଓ ଶ୍ରଦ୍ଧାର ପ୍ରତିନିଧି ସୁଶ୍ରୀ ବିଜୟା ପ୍ରିୟଦର୍ଶିନୀ ରାଉତ ଯୋଗଦେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରିବାର ସହ ଲୋକଙ୍କୁ ସଚେତନ କରାଇଥିଲେ। ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସମ୍ପାଦକ ରଞ୍ଜନ ବର୍ଦ୍ଧନ ଏହାକୁ ପରିଚାଳନା କରିଥିଲେ। ଏରସମା ବ୍ଲକ କନିଷ୍ଠ ଯନ୍ତ୍ରୀ ଶୁଭ୍ରା ଦାଶଙ୍କ ତତ୍ତ୍ୱାବଧାନରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ କାଙ୍କଣ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ନେଇ ଗଠିତ କମିଟିର ସମ୍ପାଦକ ରବୀନ୍ଦ୍ରନାଥ ଗିରି ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ସମୁଦ୍ର ସଂଲଗ୍ନ ବ୍ଲକ୍ ଭାବେ ବିପର୍ଯ୍ୟୟ ମୁକାବିଲା କୌଶଳ ସମ୍ପର୍କରେ ସମସ୍ତେ ଅବଗତ ହେଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମୃତାହତକୁ ରୋକାଯାଇ ପାରିବ। ଗ୍ରାମ ମୁରବି ବିଜୟକୃଷ୍ଣ ପ୍ରାମାଣିକ, ସୁଶାନ୍ତ ଶେଖର ବେଜ, ବାଚସ୍ପତି ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇ ବାତ୍ୟା ମୁକାବିଲା ନେଇ ବିଭିନ୍ନ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଟୁନି ଜେନା, ମଣ୍ଟୁ ଜେନା, ସୋହମ ବେଜ, ସୂର୍ଯ୍ୟକାନ୍ତ ଗିରି, ଅନୁଭବ ମଙ୍ଗଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ମକ୍‌ଡ୍ରିଲରେ ତାଲିମପ୍ରାପ୍ତ ଉଦ୍ଧାରକାରୀ ଦଳ ବିପନ୍ନଙ୍କୁ ଉଦ୍ଧାର କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

## ସଂକ୍ଷେପରେ

### ଯାତ୍ରୀବାହୀ ଅଟୋ ଓଲଟି ୬ ଆହାତ, ୩ ଗୁରୁତର

ଦିଗପହଣ୍ଡି,୧୯।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସହର ଉପକଣ୍ଠ ଅନଙ୍ଗପୁର ଗାଁ ନିକଟ ମୁଖ୍ୟରାସ୍ତାରେ ବୁଧବାର ଅପରାହ୍ନରେ ଏକ ଯାତ୍ରୀବାହୀ ଅଟୋ (ନଂ.ଓଡି ୦୭ ଜେଡ -୬୮୭୨) ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୬ ଜଣ ଆହାତ ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ସାନବ୍ରାହ୍ମଣ ସାହିର ଦନାର୍ଦ୍ଦନ ମହାରଣା, ତାଙ୍କ ସ୍ତ୍ରୀ ଶକୁନ୍ତଳା ମହାରଣା, ଜକରାପଲ୍ଲୀ ଗ୍ରାମର କୁନି ଗୌଡ଼, କେ.ନୂଆଗାଁ ଥାନା ଗୌଡ଼ ଗାଁର ଲବଙ୍ଗ ବେହେରା, ବ୍ରହ୍ମପୁର ସଦର ଥାନା କୁକୁଡ଼ାଖଣ୍ଡି ଗ୍ରାମର ରମା ଗୌଡ଼, ପାଟପୁର ଥାନା ସାହସପୁର ଗ୍ରାମର ଅଟୋ ଚାଳକ ଭଗବାନ ସେଠୀ। ଆହାତମାନଙ୍କୁ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ଥିବାରୁ ଦନାର୍ଦ୍ଦନ ମହାରଣା, ଶକୁନ୍ତଳା ମହାରଣା ଏବଂ କୁନି ଗୌଡ଼ଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଯାତ୍ରୀମାନେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଦୁର୍ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରି ମାମଲା ରୁଜୁ କରିଛି।

### ସିରିଜ ଚୋରି ଘଟଣାରେ ଜଣେ ଗିରଫ, ଟଙ୍କା ଜବତ

ଖଲ୍ଲିକୋଟ,୧୯।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ଛକ ନିକଟରେ ଗତ ୧୩ ତାରିଖ ରାତିରେ ହୋଇଥିବା ସିରିଜ ଚୋରି ଘଟଣାରେ ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ତେନ୍ତୁଳିଆପଡା ଗ୍ରାମର ରାକେଶ ଜାଲୀ (୨୦)। ତାଙ୍କଠାରୁ ପୋଲିସ ନଗଦ ୨୫୦୦ ଟଙ୍କା ଜବତ କରିଛି। ପଣ୍ଡିତ ଗାଁ ଛକରୁ ୧୩ ତାରିଖ ରାତିରେ ୪ ଟି ଦୋକାନର ତାଲା ଭାଙ୍ଗି ଟଙ୍କା ସହ ଜିନିଷ ପତ୍ର ଲୁଟି ନେଇଥିଲେ ଦୁର୍ବୃତ୍ତ। ଲକ୍ଷ୍ମୀ ନାରାୟଣ ଚୁଡ଼ି ମହଲ ଓ କ୍ଷେତ୍ରସନାରୀ ଦୋକାନର ତାଲା ଭାଙ୍ଗି ଭିତରେ ପଶିବା ସହ ଡ୍ର ଭାଙ୍ଗି ସେଥିରେ ଥିବା ପ୍ରାୟ ୩ ହଜାର ଟଙ୍କା ନେଇ ଯାଇଥିଲେ। ଏଥିସହ ବିଭିନ୍ନ ଜିନିଷ ପତ୍ର ମଧ୍ୟ ନେଇ ଯାଇଥିଲେ। ସିସିଟିଭି କ୍ୟାମେରା ଭାଙ୍ଗିବା ସହ ତାର ଛିଣ୍ଡାଇ ହାର୍ଡ ଡିସ୍କ ବାହାରେ ଫିଙ୍ଗି ଦେଇଥିଲେ। ଏଥିସହ ଦରକାରୀ କାଗଜପତ୍ର ମଧ୍ୟ ଚିରି ଫୋପାଡ଼ି ଦେଇଥିବା ନେଇ ମାଲିକ ଏନ. ପ୍ରସନ୍ନ ଦୋରା ଥାନାରେ ଅଭିଯୋଗ କରିଥିଲେ। ସେହିପରି ଅନ୍ୟ ତିନୋଟି ଦୋକାନରୁ ଲୁଟ ପାଟ କରିବା ସହ ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ରଖାଯାଇଥିବା ଗୋଟିଏ ବାଇକ ମଧ୍ୟ ଚୋରି କରି ନେଇଥିଲେ। ଏନ. ପ୍ରସନ୍ନ ଦୋରାଙ୍କ ଅଭିଯୋଗକୁ ଭିତ୍ତି କରି ଖଲ୍ଲିକୋଟ ପୋଲିସ ନଂ.୫୦୪/୨୪ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରଷିମାଳ ରାସ୍ତା ସମ୍ପ୍ରସାରଣରେ ବିଳମ୍ବ

## ନିମ୍ନମାନର କାର୍ଯ୍ୟ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ

ଦାରିଙ୍ଗବାଡ଼ି,୧୯।୬(ଅରୁଣ ସାହୁ)


ରାସ୍ତା କାମ ଚାଲିଛି।

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳକୁ ସଂଯୋଗକରଣ କରିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଦୁର୍ଗମ ହାତୀମୁଣ୍ଡା ପଞ୍ଚାୟତରେ ରହିଥିବା ଐତିହ୍ୟ ଦେବଭୂମି ରଷିମାଳ ପାହାଡ଼କୁ ସଂଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପକ୍କା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲା। ଏହା ଅହେତୁକ ବିଳମ୍ବ ଯୋଗୁ ରାସ୍ତା କାର୍ଯ୍ୟ ସରୁ ନଥିବା ବେଳେ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ସୁଦ୍ଧା ଜିଲା ପ୍ରଶାସନ ନିରବ ସାଜିଛି। ଏ ନେଇ ପୂର୍ବରୁ ଗ୍ରାମବାସୀ ପ୍ରଶାସନଙ୍କୁ ଅବଗତ କରିଥିବା ବେଳେ ପୀଡ଼ିକାରିପି ଗ୍ରାମବାସୀ ଠିକା ସଂସ୍ଥାର କାର୍ଯ୍ୟକୁ ବିରୋଧ ମଧ୍ୟ କରିଥିଲେ, ହେଲେ କୌଣସି ସୁଫଳ ମିଳିଲା ନାହିଁ। ଉକ୍ତ ୧୭ କିମି ରାସ୍ତା ପାଇଁ ସାଢେ ୧୦ କୋଟି ଟଙ୍କା ଅନୁଦାନ ରହିଛି। ଯେଉଁ ମାନର କାର୍ଯ୍ୟ କରାଯିବା ନିୟମ ରହିଛି, ସେହି ପ୍ରକାରର କରାଯାଉନଥିବା ଗ୍ରାମର ସୁଜୟନନ୍ଦ ଦେଶମାଝୀ ଏବଂ ବ୍ରହ୍ମାନନ୍ଦ ଦେଶମାଝୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏବେ ପିଚୁ ପକାଇବା କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ ମେଟାଲ ଉପରେ ସିଧା ବଜୁରି ପିଚୁ ଢଳେଇ କରାଯାଉଛି, ଯାହାକି ଘାଟି ରାସ୍ତା ଯୋଗୁ ମେଟାଲଗୁଡିକ ଉଠିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ଗଞ୍ଜାମ ଜିଲା ଆଡିବାଙ୍ଗାଠାରୁ ରଷିମାଳ ଦେବଭୂମି ପର୍ଯ୍ୟନ୍ତ ପ୍ରାୟ ୧୭ କିମି ରାସ୍ତା ସମ୍ପ୍ରସାରଣ ଶେଷ ହେଲେ ଦୁର୍ଗମ ହାତୀମୁଣ୍ଡା ପଞ୍ଚାୟତ ସମେତ ବ୍ରାହ୍ମଣୀଗାଁ, ଗଦାପୁର ଆଦି ଅଞ୍ଚଳବାସୀଙ୍କୁ ଗଞ୍ଜାମ ଜିଲା ନିକଟ ହୋଇପାରିବ। ଏହା ଦ୍ୱାରା ଉକ୍ତ ଅଞ୍ଚଳବାସୀ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ସହ ବିଭିନ୍ନ କାର୍ଯ୍ୟ ପାଇଁ ଯାତାୟାତ ସୁବିଧା ରହିବ। ତେବେ ଉକ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ସଂରକ୍ଷିତ ଜଙ୍ଗଲ ଦେଇ ଯାଉଥିବାରୁ ବନ ବିଭାଗର ଅନୁମତି ମିଳିବାରେ ବିଳମ୍ବ ହୋଇଛି । ଏବେ ଅନୁମତି ପାଇଁ ସମସ୍ତ ପ୍ରକ୍ରିୟା ଚାଲିଛି, ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ସିଂ କହିଛନ୍ତି। ସେହିପରି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉନଥିବା ସେ କହିଛନ୍ତି।

## ବାତ୍ୟା ଆଶ୍ରୟସ୍ଥଳରେ ମକ୍‌ଡ୍ରିଲ


ନିଆଁ ଲିଭା କୌଶଳ ପ୍ରଦର୍ଶନ କରାଯାଉଛି।

ଆସିକା ୧୯।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ଗୁଣ୍ଡପଡା ପଞ୍ଚାୟତ ଅନ୍ତର୍ଗତ ଜଗଦଳପୁର ଓ ସିଦ୍ଧନୟୀ ପଞ୍ଚାୟତର ମହାରାଜପୁରଠାରେ ବଡ଼ନଦୀର ଉଭୟ ପାର୍ଶ୍ୱରେ ଥିବା ବାତ୍ୟା ଆଶ୍ରୟସ୍ଥଳିରେ ବୁଧବାର ମକଡ୍ରିଲ କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ଓ ଗୃହପାଳିତ ପ୍ରାଣୀ ସାଙ୍ଗକୁ ଗର୍ଭବତୀ, ପ୍ରସୂତୀ, ଦିବ୍ୟାଙ୍ଗ ଓ ବୟସ୍କଙ୍କୁ କିଭଳି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ ସେ ସମ୍ପର୍କିତ କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହାଛଡା ଆକସ୍ମିକ ଅଗ୍ନିକାଣ୍ଡ ପରିସ୍ଥିତିରେ କିପରି ନିଆଁ ଆୟତ କରାଯାଇପାରିବ ସେ ସମ୍ପର୍କରେ ମଧ୍ୟ କୌଶଳ ପ୍ରଦର୍ଶିତ ହୋଇଥିଲା । ଆସିକା ବିଡିଓ ଫକୀର ଚରଣ ପରିଡା, ଗୁଣ୍ଡପଡା ସରପଞ୍ଚ ଶୈଳବାଳା ଦଳାଇ, ସିଦ୍ଧନୟୀ ସରପଞ୍ଚ ତନୁଲତା ବିଷୋୟୀ, ପିଇଓ ରାଜଶ୍ରୀ ସାହୁ, ଏବିଇଓ ବିଭୂନନ୍ଦନ ପଣ୍ଡା, ଅଗ୍ନିଶମ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ଆଶ୍ରୟସ୍ଥଳି ରକ୍ଷଣାବେକ୍ଷଣ ସମିତିର ସଂପାଦକ ରାଧାକାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଅଗ୍ନିଶମ ବିଭାଗର ପ୍ରଶାନ୍ତ କୁମାର ମହାପାତ୍ର, ସନଜ ପ୍ରଧାନ, ରଞ୍ଜନ କୁମାର ଭୋଇ, କଳ୍ପନାଥ ସାହୁ ପ୍ରମୁଖ ବିଭିନ୍ନ ବିପର୍ଯ୍ୟୟ ପରିସ୍ଥିତିରେ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ।

## ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

ମୋହନା,୧୯।୬(ମନ୍ମଥ ମିଶ୍ର)


ମୃତଦେହ ପହଞ୍ଚିବା ପରେ ଘର ସମ୍ମୁଖରେ ଲୋକଙ୍କ ଭିଡ଼।

ପୁଣି ଏକ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅଧାବାଟରେ ଯାଇଛି ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ବଡ଼ ସିନ୍ଧବା ପଞ୍ଚାୟତର ଗାନ୍ଧୀନଗର ଗାଁରେ। ଗାଁର ସୁଭେନ୍ ମାଳି ଘରର ଆର୍ଥିକ ଅନଟନ ସୁଧାରିବା ପାଇଁ କିଛି ଦିନ ପୂର୍ବରୁ ରୋଜଗାର କରିବା ପାଇଁ କେରଳ ଯାଇଥିଲେ । ଘରେ ତିନୋଟି ଭଉଣୀର ପାଠ ପଢ଼ା ସାଙ୍ଗକୁ ବାପା ମା'ଙ୍କ ଦାୟିତ୍ୱ ବି ପଡ଼ିଥିଲା। ଘରେ ରୋଜଗାର କରିବା ପାଇଁ ଏକମାତ୍ର ସାହା ରହିଥିଲା ସୁଭେନ ମାଳି। ହେଲେ ଦଇବ ସାଜିଲା ଦାଉ। କେରଳରେ ପହଞ୍ଚି ଏକ ଘରୋଇ କମ୍ପାନୀର କାମ କରୁଥିବା ସମୟରେ ହଠାତ ତାଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ଫଳରେ ସେଠାରେ ଚିକିତ୍ସା କରି ଗାଁକୁ ଟ୍ରେନ୍‌ରେ ଆସୁଥିବା ସମୟରେ ବିଜୟୱାଡ଼ା ରେଳଷ୍ଟେଶନ ନିକଟରେ ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁଭେନ୍‌ଙ୍କ ସାଥିରେ ଆସୁଥିବା ସମ୍ପର୍କୀୟ ଭାଇ ତାଙ୍କ ପରିବାରକୁ ମୃତ୍ୟୁ ଖବର ଦେଇଥିଲେ। ଖବର ପାଇବା ପରେ ଅତି ଗରିବ ପରିବାର ହୋଇଥିବାରୁ କିଭଳି ଶୁଭେନଙ୍କ ମୃତଦେହ ଗାଁକୁ ଅଣାଯିବ ତାହା ଚିନ୍ତାରେ ପଡ଼ିଥିଲେ। ଫଳରେ ଗାଁ ଲୋକେ ଚାନ୍ଦା ଆଦାୟ କରିବା ପରେ ମୃତଦେହକୁ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ଅଣାଯାଇଥିଲା। ତେବେ ମୃତକ ଗରିବ ପରିବାର ହୋଇଥିବାରୁ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ଗାଁ ଲୋକଙ୍କ ସହ ପରିବାର ଲୋକେ।

## ପ୍ରେମିକାଙ୍କ ସହ ମତାନ୍ତରରୁ ଆତ୍ମହତ୍ୟା ଉଦ୍ୟମ

ଖଲ୍ଲିକୋଟ,୧୯।୬(ପ୍ରଶାନ୍ତ କୁମାର ମିଶ୍ର)

ପ୍ରେମିକାଙ୍କ ସହ ଝଗଡା ଲାଗିବା ପରେ ପ୍ରେମିକ ନିଜ ପେଟରେ ଛୁରି ଭୁସି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବେଗୁନିଆପଡ଼ା ଥାନା ଅନ୍ତର୍ଗତ ସୁମଣ୍ଡଳ ଗ୍ରାମରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଯୁବକଙ୍କୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପାଟପୁର ଥାନା କଂସାମାରି ଗ୍ରାମର ଯୁବକ ଜଣକ ସୁମଣ୍ଡଳ ଗ୍ରାମର ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ଭଲ ପାଉଥିଲେ। ସେ ପ୍ରେମିକାକୁ ଦେଖାକରିବାକୁ ତାଙ୍କ ଗ୍ରାମକୁ ଆସିଥିବା ବେଳେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏ ନେଇ ଯୁବକ ଜଣକ ନିଜ ପେଟରେ ଛୁରି ଭୁସି ଦେଇଥିଲେ। ଖଲ୍ଲିକୋଟ ପୋଲିସ ପହଞ୍ଚି ଆହତ ଯୁବକଙ୍କୁ ପଚରାଉଚରା କରିଥିଲେ।

## ମ୍ୟାଲେରିଆ ନିରାକରଣ ପ୍ରସ୍ତୁତି ତାଲିମ ଶିବିର

ଫିରିଙ୍ଗିଆ,୧୯।୬(ବିକ୍ରମ ଦିଗାଲ)

ମ୍ୟାଲେରିଆ ନିରାକରଣ ପାଇଁ କନ୍ଧମାଳ ଜିଲା ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ଉଦ୍ୟମରେ ବନ୍ଧଗଡ଼ସ୍ଥିତ ତାଲିମ ଓ ସମ୍ବଳ କେନ୍ଦ୍ରଠାରେ ଏକ ଦିନିକିଆ ତାଲିମ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭି.ବି.ଡି.ଟି.ଏସ. କୁମୁଦ ଚନ୍ଦ୍ର ସାହୁ ଉପସ୍ଥିତ ରହି ଗାଁଗହଳିରେ କିପରି ଲୋକମାନଙ୍କୁ ବୁଝାଶୁଝା କରି ମାଲେରିଆ ବ୍ୟାପୁଥିବା ଗ୍ରାମଗୁଡିକରେ ଡି.ଡି.ଟି ସ୍ପ୍ରେ ସମ୍ପୂର୍ଣ୍ଣ ଭାବେ ହୋଇପାରିବ, ସେଥିପ୍ରତି ଯତ୍ନବାନ ହେବାକୁ କହିଥିଲେ। ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏମ୍.ଟି.ଏସ୍. ସନତ କୁମାର ମହାପାତ୍ର ପ୍ରଦର୍ଶନୀ ଓ ଭାଷଣ ମାଧ୍ୟମରେ ସମସ୍ତ କର୍ମୀଙ୍କୁ ସ୍ପ୍ରେ ମେସିନର ବ୍ୟବହାର, ଔଷଧ ଓ ପାଣି ମିଶ୍ରଣର ପରିମାଣ ଏବଂ ସିଞ୍ଚନ ସମୟର ସାବଧାନତା ସମ୍ପର୍କରେ ବୁଝାଇଥିଲେ। ତାଲିମରେ ଫିରିଙ୍ଗିଆ, କ.ନୂଆଗାଁ ଓ ବାରଖମାରୁ ୨୫ ରୁ ଅଧିକ କ୍ଷେତ୍ର କର୍ମୀ ଉପସ୍ଥିତ ରହି ତାଲିମ ନେଇଥିବା ବେଳେ ଅନୁଷ୍ଠାନ ତରଫରୁ ବିଶ୍ୱରଞ୍ଜନ କର ପରିଚାଳନା କରିଥିଲେ। ସମ୍ପାଦକ ହରିଶଙ୍କର ରାଉତ ମ୍ୟାଲେରିଆକୁ ଦମନ କରିବା ପାଇଁ ନିଆଯାଇଥିବା ପଦକ୍ଷେପକୁ ସ୍ୱାଗତ କରିଥିଲେ।

# ଆର୍‌ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୧୯।୬ (ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ ବ୍ଲକ ସଦର ମହକୁମାଠାରେ ରାୟଗଡ଼ ପ୍ରିମିୟର ଲିଗ୍ (ଆର୍‌ପିଏଲ୍) କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ


ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି ଅତିଥି।

ସୁଷମା ଶବର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଗୋଲୁରୁ ଶୋଭାରାଣୀ, ଏସଆଇ କୃଷ୍ଣଚନ୍ଦ୍ର ମଲ୍ଲିକ, ଏସ୍‌ଆଇ ଜ୍ୟୋତ୍ସ୍ନା ରଥ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟ ଉଦଘାଟନ କରିଥିଲେ। ପ୍ରଥମ ଥର ପାଇଁ ରାତିରେ ହେଉଥିବା ଏହି ଟୁର୍ନାମେଣ୍ଟରେ ରାୟଗଡର ପ୍ରାୟ ୧୬ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଫାଇନାଲରେ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଟୁର୍ନାମେଣ୍ଟକୁ ଏ. ଶ୍ରୀକାନ୍ତ ଦୋରା, ଜଗତ ପଟନାୟକ, ଅଶୋକ ପାଇକ, ଲୋକେଶ ପଟ୍ଟନାୟକ, ଅଭିମାନ ପଟ୍ଟନାୟକ, ମିଥୁନ ଦାସ, କାଳିଆ ପାଇକ, ସାଗର ବାରିକ ପ୍ରମୁଖ ପରିଚାଳନା କରୁଛନ୍ତି।

## ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ ସମ୍ମାନ ନିଧି କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜି.ଉଦୟଗିରି,୧୯।୬(ଶିଶିର ପଟ୍ଟନାୟକ)

କ୍ଷୁଦ୍ର ଓ ମଧ୍ୟମ ବର୍ଗର ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ନାମକ ଏକ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଦେଶ ବ୍ୟାପି ୧୭ ତମ ସହାୟତା କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ହୋଇଥିବା ବେଳେ ଏହି କ୍ରମରେ ଜି.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରରେ ୬୦ ଜଣ କୃଷକଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ ଯୋଗଦେଇ ଚାଷିଙ୍କୁ ଉତ୍ସାହିତ କରିବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। କନ୍ଧମାଳ ଜିଲା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଡ. ନାରାୟଣ ବାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୈଜ୍ଞାନିକମାନେ ଉପସ୍ଥିତ ରହି ସ୍ୱାବଲମ୍ବୀ ହେବାକୁ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଶ୍ରୀପାଳି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ମୋହନା,୧୯।୬(ମନ୍ମଥ ମିଶ୍ର)

ମୋହନା ନିକଟ କଣ୍ଟେଇକୋଳି ବୁଲାଣିରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଜିତେନ୍ଦ୍ର ପ୍ରସାଦ ଦାସ। ବ୍ରହ୍ମପୁର ଜାତୀୟ ରାଜପଥ ମୋହନା ପଟୁ ଗୁଣପୁରକୁ ବାଇକରେ ଦୁଇ ଜଣ ଯାଉଥିଲେ। ହଠାତ ବିପରୀତ ଅଡବାପଟୁ ଅନ୍ୟ ଏକ ବାଇକ ଆସି ଧକ୍କା ଦେଇଥିଲା। ଫଳରେ ଜିତେନ୍ଦ୍ର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଜିତେନ୍ଦ୍ରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## କୁଇ ସେବା ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ

ଚକାପାଦ,୧୯।୬
(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ କୁସୁମେଣ୍ଡି ଓ ବପଲମେଣ୍ଡି(ଲ) ପଞ୍ଚାୟତର କୁଇ ସମାଜକୁ ନେଇ କୁସୁମେଣ୍ଡିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୂର୍ବରୁ ଥିବା କୁଇ ସେବା ସମିତିକୁ ଭଙ୍ଗ କରାଯାଇ ୨ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଲାୟନପଡ଼ା କୁଇ ସେବା ସମିତି ସଭାପତି ଭାବେ ନବଘନ କହଁର, ସମ୍ପାଦକ ମଦନ କହଁର, କୋଷାଧକ୍ଷ ନିରଞ୍ଜନ କହଁର ମନୋନୀତ ହୋଇଥିଲେ। କୁସୁମେଣ୍ଡି ପଞ୍ଚାୟତ ପାଇଁ ସଭାପତି ଭାବେ ପ୍ରଦୀପ କହଁର, ସମ୍ପାଦକ ବଲ୍ଲବ ପ୍ରଧାନ, ବପଲମେଣ୍ଡି(ଲ) ପାଇଁ ସଭାପତି ଭାବେ ଚିତରଞ୍ଜନ ମଲିକ, ସମ୍ପାଦକ ପ୍ରଫୁଲ୍ଲ କୁମାର ମଲିକ ମନୋନୀତ ହୋଇଛନ୍ତି। କୁଇ ମାନଙ୍କ ଏକତା, ପର୍ବ ପର୍ବାଣୀ ପାଳନ, ପ୍ରତ୍ୟେକ ସାଙ୍ଗଠନିକ କାର୍ଯ୍ୟକ୍ରମରେ ସମସ୍ତଙ୍କ ଉପସ୍ଥିତି, ନିଜ ଜାତି ଭିତରେ ବିବାହ ଆଦି ଉପରେ ଆଲୋଚନା ହୋଇଥିଲା।


ବୈଠକରେ ଉପସ୍ଥିତ କୁଇ ସେବା ସମିତିର କର୍ମକର୍ତ୍ତା।

# ବିଶ୍ୱ ସିକଲ୍‌ସେଲ୍ ସଚେତନତା ଦିବସ

ରାଇକିଆ,୧୯।୬(ପ୍ରଦୀପ ବେହେରା)

ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ରକ୍ତ ଶିକୁଳି ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। କଲେଜ ଅଧକ୍ଷ ପ୍ରଭାକର ରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇକିଆ ମେଡିକାଲ ଅଫିସର ଶ୍ରୀନିବାସ ପାତ୍ର, ଡକ୍ଟର ଆଶୀଷ ପ୍ରତିହାରୀ, ଶିବରାମ ପ୍ରଧାନ ଯୋଗଦେଇଥିଲେ। ବଂଶାନୁକ୍ରମିକ ଭାବରେ ବ୍ୟାପୁଥିବା ରକ୍ତ ଜନିତ ରୋଗ, ରକ୍ତ ହୀନତା, ରକ୍ତ ଶିକୁଳି କିପରି ହେଉଛି, ତଥା ତାର ପ୍ରତିକାର କିପରି କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। 'କରିନେବା ଥରେ ରକ୍ତ ପରୀକ୍ଷା, ଆଗାମୀ ପିଢ଼ିକୁ ଦେବା ସୁରକ୍ଷା' ଏହା ଥିଲା ଏହି ଦିବସର ସ୍ଲୋଗାନ। ଜୁନ ୧୯ ରୁ ଜୁଲାଇ ୩ ତାରିଖ ପର୍ଯ୍ୟନ୍ତ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ଅଧ୍ୟାପକ ଡ଼ଃ ସନ୍ତୋଷ ନାୟକ, ସୁକାନ୍ତ କୁମାର ନାୟକ, ଦିଲୀପ କୁମାର ନାୟକ,ଅଧ୍ୟାପିକା କାଜଲ ଦଳାଇ ପ୍ରମୁଖ ଏହି ରକ୍ତଜନିତ ରୋଗ ସମ୍ପର୍କରେ ମତ ରଖିଥିଲେ।

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର): ସେହିପରି ସ୍ଥାନୀୟ ଖେମୁଣ୍ଡି ମହାବିଦ୍ୟାଳୟ ପରିସରରେ ସିକଲ୍‌ସେଲ ସଚେତନତା କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ଅସିତ କୁମାର ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାକୁ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।ସେହିଭଳି ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଆରତୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପକ ଭବାନୀ ଶଙ୍କର ପାଣିଗ୍ରାହୀ, ଅବିନାଶ ଚନ୍ଦ୍ର ପାଢ଼ୀ, ଗୋପାଳ କୃଷ୍ଣ ପଣ୍ଡା ସମ୍ମାନିତ ବକ୍ତା ଭାବେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ।


ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଅଧକ୍ଷ ରାଜେନ୍ଦ୍ର ଦାସ ଉଦବୋଧନ ଦେଉଛନ୍ତି।

ଭଞ୍ଜନଗର,(ବାବୁଲା ପ୍ରଧାନ): ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ସିକଲସେଲ (ରକ୍ତ ଶିକୁଳି) ସଚେତନତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିନକୁ ଦିନ ସିକଲସେଲ ରୋଗୀ ସଂଖ୍ୟା ବଢ଼ୁଛି, ସଚେତନତା ବଢ଼ିଲେ ରୋଗୀ ସଂଖ୍ୟା କମିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଫ କାଉନସିଲ୍ ସେକ୍ରେଟାରୀ ହରପ୍ରସାଦ ଶତପଥୀ, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ବିଭାଶ ଦାସ, ପ୍ରାଧ୍ୟାପିକା ଆରତିବାଳା ପ୍ରଧାନ, ଡ. ରବୀନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତ ରଖିଥିଲେ।

## ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା

ପାରଳାଖେମୁଣ୍ଡି,୧୯।୬
(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ମହିଳା ସ୍ନାତକୋତ୍ତର ମହାବିଦ୍ୟାଳୟ ପରିସରରେ ବୁଧବାର ଜନଜାତି ବ୍ୟାପାର ମନ୍ତ୍ରାଳୟ ବିଭାଗ ପକ୍ଷରୁ ଆୟୁଷମାନ ଭାରତ ଅନ୍ତର୍ଭୁକ୍ତ ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ଡ. ରୀନା ସାହୁ ଯୋଗଦେଇ ରକ୍ତଶିକୁଳି ରକ୍ତହୀନତା ବିଶେଷତଃ ବଂଶଗତ ରୋଗ ଓ ଏହାର ନିରାକରଣ ପାଇଁ ଛାତ୍ରୀମାନେ ପ୍ରାରମ୍ଭରୁ ସଚେତନ ହେବା ଉଚିତ ବୋଲି କହିଥିଲେ। ସେହିପରି ଡ. ଭାରତୀ ପାଣିଗ୍ରାହୀ ରକ୍ତହୀନତା କିପରି ଦୂରୀକରଣ ହେବ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ପରିସଂଖ୍ୟାନ ନିରୀକ୍ଷକ ନେତ୍ରାନନ୍ଦ ଶତପଥୀ ରକ୍ତହୀନତାର କାରଣ ଓ ଏହାର ନିରାକରଣ ସମ୍ପର୍କରେ କହିବା ସହ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଆଇରନ ବଟିକା ଓ କୃମି ଔଷଧ ସେବନ କରି ସୁସ୍ଥ ସ୍ୱାସ୍ଥ୍ୟ ବଜାୟ ରଖିବାକୁ ଉପଦେଶ ଦେଇଥିଲେ।



ମଞ୍ଚାସୀନ ଅତିଥିମାନେ।

# ପର୍ଯ୍ୟଟନ କ୍ଷେତ୍ରରେ ଯୋଡ଼ିହେବ ପଟ୍ଟାମୁଣ୍ଡାଇ ଗୋବରୀ ନଦୀ

## ନୌଚଳାଚଳ, ପରିବହନ ସହ ଭାସମାନ ବଜାର ହୋଇପାରିବ

କେନ୍ଦ୍ରାପଡ଼ା/ ପଟ୍ଟାମୁଣ୍ଡାଇ,୧୯।୬
(ଜଗନ୍ନାଥ ଧଳ/କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ା ଜିଲାର ବାଣୀଜ୍ୟିକ ପେଣ୍ଠସ୍ଥଳି ପଟ୍ଟାମୁଣ୍ଡାଇ ହୋଇଥିବା ବେଳେ ଏହି ସହର ଦେଇ ଲକ୍ଷଲକ୍ଷ ପର୍ଯ୍ୟଟକ ଭିତରକନିକା ଜାତୀୟ ଉଦ୍ୟାନ ବୁଲି ଯାଇଥାନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଦେଇ ଯାଇଥିବା ଗୋବରୀ ନଦୀକୁ ପୁନରୁଦ୍ଧାର କରି ନଦୀର ଉଭୟପାର୍ଶ୍ୱ ବନ୍ଧ ବାନ୍ଧାଇ ପଥର ପ୍ୟାକିଂ କରାଗଲେ ଭିତର ଅଞ୍ଚଳ ଏକ ହ୍ରଦ ଭଳି ହେବା ସହ ନୌଚଳାଚଳ, ପରିବହନ ସହ ଭାସମାନ ବଜାର ଗଢ଼ି ହୋଇ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଏ ନେଇ ଦୈନିକ ଖବର କାଗଜ ଧରିତ୍ରୀରେ ଗତବର୍ଷ ୨୨/୪/୨୦୨୩ରେ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପଟ୍ଟାମୁଣ୍ଡାଇର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳମଣୀ ଯୁବକ ସଂଘ ପକ୍ଷରୁ ସାଭାପତି ଗୌତମ ବେହେରା ନଂ.୧୩।୬।୨୪ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ପ୍ରକୋଷ୍ଠରେ (ସିଏମ୍‌ଓ ୨୦୨୩୨୦୯୨୩)ରେ ଏକ ଅଭିଯୋଗ ପତ୍ର ଦାଖଲ କରିଥିଲେ। ଉକ୍ତ ଅଭିଯୋଗ ଗୁରୁତ୍ୱକୁ ବିଚାର କରି ଜନଶୁଣାଣି ବିଭାଗ ନୋଡାଲ ଅଫିସର ଓଏସ୍‌ଏସ୍ ପ୍ରଭାକର ବେହେରା ଏହାର ସ୍ଥିତି ସମୀକ୍ଷା ପାଇଁ ୧୯।୬।୨୪ରେ ଚିଠି ନଂ. ୪୯୦୨ରେ ଓଡ଼ିଶା ପର୍ଯ୍ୟଟନ ବିଭାଗକୁ ଜଣାଇଛନ୍ତି। ଯଦି ପର୍ଯ୍ୟଟନ ବିଭାଗ ଗୋବରୀ ନଦୀକୁ ପଥର ପ୍ୟାକିଂ କରି ଭୂସ୍ୱର୍ଗ ଇଟାଲିର ଭାସମାନ ସହର ଭଳି ସୃଷ୍ଟି କରାଯାଇ ପର୍ଯ୍ୟଟକମାନଙ୍କୁ ଏହା ବର୍ଷସାରା ଆକର୍ଷିତ କରାଇବା ସହିତ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲା ଶିଳ୍ପ ଜଗତରେ ଅନ୍ୟାନ୍ୟ ସ୍ଥାନ ଅଧିକାର କରିବ। ଏ ନେଇ ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତପସ ଦାସ, ଆଇନଜୀବୀ ପ୍ରମୋଦ ସାହୁ, ଭବାନୀ ଶଙ୍କର ପଣ୍ଡା, ଜିତେନ୍ଦ୍ର ନନ୍ଦୀ, ଯୁବକ ସଂଘ ସଭାପତି ଗୌତମ ବେହେରା, ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ, ସାମାଜିକ କର୍ମୀ ପ୍ରବୀର ନାୟକ, କ୍ଷୀରୋଦ ମଲ୍ଲିକ, ଦେବାଶିଷ ପଣ୍ଡା ପ୍ରମୁଖଙ୍କ ସମେତ ପଟ୍ଟାମୁଣ୍ଡାଇ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ପାଖ ଦେଇ ଯାଇଥିବା ଗୋବରୀ ନଦୀକୁ ଏକ ପର୍ଯ୍ୟଟନ ସ୍ଥଳ ଦ୍ୱିତୀୟ କୌସଲ୍ୟାଗଙ୍ଗ ଓ ଭାସମାନ ବଜାର ସୃଷ୍ଟି କରିବା ନେଇ ୧୯୭୭ରେ ତତ୍କାଳିନ ଜଳସମ୍ପଦ ମନ୍ତ୍ରୀ ପ୍ରହଲ୍ଲାଦ ମଲ୍ଲିକ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଏ ନେଇ ତତ୍କାଳିନ ଆଇଏଏସ୍ ମଦନ ମୋହନ ମହାନ୍ତିଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିଲା। ଆଇଏଏସ ମହାନ୍ତି ପଟ୍ଟାମୁଣ୍ଡାଇ ଗସ୍ତରେ ଆସି ଏହି ଯୋଜନାର ସରଜମିନ ତଦନ୍ତ କରିଥିଲେ। ତାଙ୍କ ସହ ବିଧାୟକ ତାପସ ଦାସ ଓ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପିଟି ଶିକ୍ଷକ ଲକ୍ଷ୍ମଣ ପାଢ଼ି ଉପସ୍ଥିତ ଥିଲେ। ବ୍ରାହ୍ମଣୀ ନଦୀ ସହିତ ଗୋବରୀ ନଦୀ ସଂଯୋଗ କରାଯାଇ ବନ୍ୟା ସମୟରେ ଉଦ୍‌ବୃତ୍ତ ଜଳକୁ ସିଧାସଳଖ ସମୁଦ୍ରରେ ନିଷ୍କାସନ କରାଯିବା ସହିତ ପର୍ଯ୍ୟଟନସ୍ଥଳ ଭୂସ୍ୱର୍ଗ ଇଟାଲିର ଭାସମାନ ସହର ଭଳି ଏହାର ଦୁଇ ପାର୍ଶ୍ୱର ରାସ୍ତାକୁ ପଥର ପ୍ୟାକିଂ କରି ସୁଦୃଢ଼ ଓ ମନୋରମ କରିବାକୁ ଯୋଜନା କରିଥିଲେ। ଏଥିରେ ନଦୀର ଦୁଇପାର୍ଶ୍ୱରେ ବିଭିନ୍ନ ଦୋକାନ ଓ ଭାସମାନ ବଜାର ଅନୁଷ୍ଠାନ ଗଢା ଯାଇ ପାରିବ। ଏହି ନଦୀର ଉଭୟପାର୍ଶ୍ୱରେ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ସହିତ ପଥପାର୍ଶ୍ୱ ବନ ବିଥିକାରେ ପ୍ରଲୋଭିତ, ପୁଷ୍ପିତ ବନସ୍ପତିମାନ ସୃଷ୍ଟି କରାଯାଇ ପରିବେଶକୁ ଆକର୍ଷଣ କରାଇବା ସହ ପର୍ଯ୍ୟଟକମାନଙ୍କୁ ଏହା ବର୍ଷସାରା ଆକର୍ଷିତ କରିବାକୁ ନେଇ ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହା ଜାତୀୟ ଉଦ୍ୟାନ ଭିତରକନିକା ମାର୍ଗରେ ଥିବାରୁ ଏହା ବିଶ୍ୱବାସୀଙ୍କୁ ଆକର୍ଷିତ କରିବା ସହିତ ନୌକାବିହାରର ମଜା ମଧ୍ୟ ପର୍ଯ୍ୟଟକମାନେ ନେଇପାରିବେ। ଏହି ମନୋରମ ପରିବେଶକୁ ପର୍ଯ୍ୟଟକମାନେ ବାରମ୍ବାର ଆସିବାକୁ ଇଚ୍ଛା ପ୍ରକଟ କରିବେ। ଏହାଦ୍ୱାରା ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟଟନ ଶିଳ୍ପଜଗତରେ ସ୍ଥାନ ଅଧିକାର କରିବ ନେଇ ଯୋଜନା ପ୍ରସ୍ତୁତ ହେଲା। ମାତ୍ର ପରବର୍ତ୍ତୀ ସମୟରେ ଏହି ଯୋଜନା ଅଟକି ରହିଗଲା। ଏବେ ଭାଜପା ଶାସନ ଆରମ୍ଭ ହୋଇଛି। ଯଦି ଏହି ଯୋଜନାକୁ ପୁର୍ଣ୍ଣବାର କାର୍ଯ୍ୟକାରୀ କରାଯାଏ ତେବେ ପଟ୍ଟାମୁଣ୍ଡାଇ ଏକ ପର୍ଯ୍ୟଟନସ୍ଥଳ ଭାବେ ଉଭା ହୋଇପାରିବ।

# ପୋଲିସ ଆଗରେ ମହିଳାଙ୍କୁ ମାଡ଼ ଅଭିଯୋଗ

## ରାଜନଗର ମୁଖ୍ୟ ରାସ୍ତାରେ ମାରପିଟ

ରାଜନଗର, ୧୯।୬
(ଭାସ୍କର ରାଉତରାୟ)



ରାଜନଗର ଥାନାଠାରୁ ଅଳ୍ପଦୂରରେ ପୋଲିସ ଉପସ୍ଥିତିରେ ମହିଳାଙ୍କୁ ମାଡ ମରାଯିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ରଖି ପଚରା ଉଚରା କରୁଥିବା ଜଣାପଡିଛି। ରାଜନଗର ଥାନାରେ ଏ ନେଇ ୨ଟି ଅଭିଯୋଗ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ରାଜନଗର ଗାଁର ଟୁଲୁ ଦଲେଇଙ୍କ ଅଭିଯୋଗ ମୁତାବକ, ବୁଧବାର ସକାଳ ୮ଟାରେ ରାଜନଗର ଗାଁର ସୁକାନ୍ତ ବେହେରା ଓ ତାଙ୍କ ପୁଅ ଦିଲନ ବେହେରା ହଠାତ୍ ତାଙ୍କ ଘର ଭିତରେ ପଶି କାହିଁକି ଘରଭଡା ଦେଉନାହୁଁ ବୋଲି ପଚାରିଥିଲେ। ମୋ ଘରକୁ ଭଡା ଦେବି କି ନାହିଁ, ତୋତେ କାହିଁକି କହିବି ବୋଲି କହିବାରୁ ମୋ ଝିଅକୁ ଦିଲନ ଗୋଇଠା ମାରିଥିଲେ। ମୁଁ ଧରିବାରୁ ସୁକାନ୍ତ ମୋ ଶାଢିକୁ ଟାଣି ତଳେ ଫୋପାଡି ଦେଇଥିଲେ। ବାପପୁଅ ମୋତେ ଟଣା ଭିଡା କରି ଶାଢି, ବ୍ଲାଉଜ ଚିରି ମୋତେ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ମୋ ଝିଅ ପ୍ରତିବାଦ କରିବାରୁ ତାର ଚୁଟିକୁ ଘୋଷାଡି ତଣ୍ଟି ଚିପି ମାରି ଦେବାକୁ ଉଦ୍ୟମ କରିଥିଲେ। ଏସିଡି ଢାଳି ପୋଡ଼ି ଦେବାକୁ ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସୁକାନ୍ତ ବେହେରା ମୋ ଘରର ତାଲା ଭାଙ୍ଗି ଚେୟାର ଟେବୁଲ ଓ ଅନ୍ୟ ସାମଗ୍ରୀ ଟୁଲୁ ଲୁଟି ନେଇଥିବା ନେଇ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳେ ସୁକାନ୍ତ ଓ ତାଙ୍କ ପୁଅ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଉଗ୍ରରୂପ ଧାରଣ କରିଥିଲା। ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାର ଷ୍ଟେଟ୍ ବ୍ୟାଙ୍କ ନିକଟରେ ରାସ୍ତା ଉପରେ ବାଡିଆପିଟା ଦୃଶ୍ୟ ଦେଖିବାକୁ ମିଳିଥିଲା। ପୋଲିସ ଉପସ୍ଥିତିରେ ମହିଳାଙ୍କୁ ତଳେ ପକାଇ ମାଡ ମାରିଥିଲେ। ଗଣ୍ଡଗୋଳ ସ୍ଥଳରେ ପୋଲିସ ଅଭିଯୋଗ କରିଥିବା ମହିଳାଙ୍କ ପୁଅକୁ ପୋଲିସ ଗାଡିରେ ନେଇ ପୂରାଉଥିବା ବେଳେ ଅଭିଯୁକ୍ତମାନେ ମହିଳାଙ୍କୁ ରାସ୍ତା ଉପରେ ପକାଇ ବାଡେଇବାର ଦୃଶ୍ୟ ସବୁ ମହଲକୁ ବିସ୍ମିତ କରିଛି। ପୋଲିସ ଉପସ୍ଥିତିରେ ମହିଳାଙ୍କୁ ମାଡ ମାରୁଥିବା ଦୁଇଜଣଙ୍କ ମଧ୍ୟରୁ ବାପାଙ୍କୁ ଛାଡି ଦେଇ ପୁଅ ଦିଲନ ବେହେରାଙ୍କୁ ଥାନାରେ ଅଟକ ରଖିଛି।

# ଜଳପଥରେ ଡାକବାଜି ଯନ୍ତ୍ରରେ କୁମ୍ଭୀର ସଚେତନତା

ରାଜନଗର, ୧୯।୬
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ବଉଳା କୁମ୍ଭୀରଙ୍କ ପ୍ରଜନନସ୍ଥଳୀ ଭାବେ ପରିଚିତ। ସାରା ପୃଥିବୀରେ ଭିତରକନିକା ଏକମାତ୍ର ସ୍ଥାନ ଯେଉଁଠି ପ୍ରାକୃତିକ ପରିବେଶରେ ବଉଳା କୁମ୍ଭୀରଙ୍କ ସଂଖ୍ୟା ସବୁଠୁ ଅଧିକ। ବଉଳା କୁମ୍ଭୀର ପରିବେଶ ପାଇଁ ଖୁସି ଖବର ଆଣି ଦେଉଥିବା ବେଳେ ଏବେ ଅଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ପାଲଟିଛି। ବର୍ଷାଦିନେ ଏହି ବଉଳା କୁମ୍ଭୀର ଉପର ଭାଗକୁ ଚାଲି ଆସୁଥିବାରୁ ଜନବସତି ଅଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଥାଏ। ପ୍ରାୟ ପ୍ରତିବର୍ଷ କୁମ୍ଭୀର ଆକ୍ରମଣରେ ମଣିଷ ମୃତ୍ୟୁର ଖବର ସାମ୍ନାକୁ ଆସୁଛି। ଗତବର୍ଷ କୁମ୍ଭୀର ଆକ୍ରମଣରେ ୬ ଜଣ ଜୀବନ ଅକାଳରେ ଚାଲି ଯାଇଥିଲା। ଚଳିତବର୍ଷ ବର୍ଷାରତୁ ଆରମ୍ଭ ନ ହେଉଣୁ କୁମ୍ଭୀର ଆତଙ୍କ ସୃଷ୍ଟି ହେଲାଣି। ରାଜକନିକାରେ ଜଣେ ବୃଦ୍ଧ ପ୍ରାଣ ହରାଇଥିବା ବେଳେ ଆଳି ଅଞ୍ଚଳରେ ମଇଁଷିକୁ ଟାଣି ନେଇଛି କୁମ୍ଭୀର। ବନ ବିଭାଗ ପକ୍ଷରୁ କୁମ୍ଭୀର ଆକ୍ରମଣ ନେଇ ପ୍ରତିବର୍ଷ ଲୋକମାନଙ୍କୁ ସଚେତନତା କରାଯାଇଥାଏ। ପ୍ରାଚୀର ପତ୍ର ଠୁଁ ଆରମ୍ଭ କରି ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥାଏ। ଏପରିକି ପଥପ୍ରାନ୍ତ ନାଟକ ମାଧ୍ୟମରେ ନଦୀ କୂଳକୁ ନ ଯିବା ପାଇଁ ଗତବର୍ଷ ବନ ବିଭାଗ ପକ୍ଷରୁ ଅଭିନବ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାରଠାରୁ ସ୍ଥଳପଥରେ କୁମ୍ଭୀର ସଚେତନତା ରଥ ବୁଲିବା ଆରମ୍ଭ କରିଛି। ବୁଧବାରଠାରୁ ଜଳପଥରେ ଲୋକଙ୍କୁ ସଚେତନ କରିବା ପାଇଁ କୁମ୍ଭୀର ସଚେତନତା ବୋଟ ବୁଲିବା ଆରମ୍ଭ କରିଛି। କେଉଁଠି କୁମ୍ଭୀର ଦେଖିଲେ ବନ କର୍ମଚାରୀଙ୍କୁ ଖବର ଦେବା, ସୁରକ୍ଷିତ ଗାଧୁଆ ଘାଟର ବ୍ୟବହାର କରିବା, କଳାରଙ୍ଗର ବୋଟ ବ୍ୟବହାର କରିବା ସହିତ ନିଷିଦ୍ଧାଞ୍ଚଳରେ ମାଛ ନ ମାରିବା, ନିଷିଦ୍ଧାଞ୍ଚଳରେ ନ ଗାଧୋଇବା, ନଈ କୂଳକୁ ଗୃହପାଳିତ ପ୍ରାଣୀଙ୍କୁ ନ ଛାଡିବା ଆଦି କୁମ୍ଭୀର ସଚେତନତା ବାର୍ତ୍ତା ବୋଟ ଯୋଗେ ପ୍ରଚାର କରାଯାଉଛି। ନଈକୂଳରୁ କୁମ୍ଭୀର ମଣିଷ ଓ ଗୃହପାଳିତ ପ୍ରାଣୀଙ୍କୁ ଟାଣି ନେଉଥିବାରୁ ନଈ କୂଳିଆ ଲୋକଙ୍କୁ ସଚେତନ କରିବାକୁ ବୋଟ ଯୋଗେ ଜଳପଥରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ଆରମ୍ଭ ହୋଇଛି। ବନ ବିଭାଗ ଓ ପ୍ରଶାସନ ପକ୍ଷରୁ ହୋଇଥିବା ଗାଧୁଆ ଘାଟ ବ୍ୟବହାର କରିବା, ନଦୀ କୂଳକୁ ନ ଯିବା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ପାଇଁ ବନ ବିଭାଗ ପଦକ୍ଷେପ ନେଇଛି। ବୁଧବାର ରାଜନଗର ହଂସୁଆ ନଦୀର ବନ ବିଭାଗ ଜେଠିରୁ ଏହି ସଚେତନତା ବୋଟ ବାହାରିଛି। ଏହି କାର୍ଯ୍ୟକ୍ରମରେ ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେଉରା, ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ଗୀତାଞ୍ଜଳି ସାହୁ, ବିଶ୍ୱ ରଞ୍ଜନ ତରାଇ ପ୍ରମୁଖ ଉପସ୍ଥିତ ରହି ନଈ କୂଳିଆ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ସଚେତନତା ବୋଟ ରାଜନଗରରୁ ବାହାରି ବାଲିସାହିପାଟଣା, ଚମ୍ପାଦିଆ, କେରେଡାଗଡ, ନଳପାହି, ଦକ୍ଷିଣଦିଆ, ରାଜପୁର, ଚନ୍ଦନପୁର ଆଦି ଅଞ୍ଚଳରେ ନଈକୂଳିଆ ଲୋକଙ୍କୁ ସଚେତନ କରିଛି।



ବନ ବିଭାଗ ପକ୍ଷରୁ ବୋଟ୍‌ରେ ଡାକବାଜି ଯନ୍ତ୍ର ଲଗାଇ କୁମ୍ଭୀର ସଚେନତା କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଜିତ୍



@ ସୁଶାନ୍ତ



@ ଜିତୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ରାଜକନିକା,୧୯।୬
(ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ପୋଲିସ ବୁଧବାର ଚୋରି ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କିଛିଦିନ ପୂର୍ବେ ଏକ ଅଟୋରେ ଲାଗିଥିବା ବ୍ୟାଟେରି ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ତେବେ ବୁଧବାର ଚୋରି ଯାଇଥିବା ବ୍ୟାଟେରି ସହ ଗିରିଆ କୋଠସାହି ଗାଁର ଆଶିଷ କୁମାର ମଲିକ ଓ ରାଜକିଶୋର ଧଳଙ୍କୁ ପୋଲିସ ଗୀରଫ କରିଛି। ସେମାନଙ୍କ ବିରୋଧରେ ନଂ. ୨୨୪/୨୪ ମାମଲା ରଜୁ ସହ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉ କି ଏହି ଦୁଇଜଣଙ୍କ ନାମରେ ଜିଲା ବ୍ୟତିତ ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବା ଆଇଆଇସି ଦିଲୀପ କୁମାର ଧଳ ସୂଚନା ଦେଇଛନ୍ତି।





# ବିପର୍ଯ୍ୟୟ ମୁକାବିଲା ପାଇଁ ଆପତ୍କାଳୀନ ପ୍ରଶିକ୍ଷଣ

ଡେରାବିଶ, ୧୯।୬
(ବେବର୍ତ୍ତା ଅଜୟ ଦାସ)

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଛକନାଠାରେ ଥିବା ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳରେ ବୁଧବାର ଏକ ମକ୍ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପ୍ରଶମନ ପ୍ରଶିକ୍ଷଣ ଶିବିରରେ ବିଡିଓ ଦାଶରଥୀ ଜେନା ଯୋଗଦେଇ ୧୯୯୯ ମହାବାତ୍ୟା ପରଠାରୁ ରାଜ୍ୟରେ ସଙ୍ଗଠିତ ବିଭିନ୍ନ ବାତ୍ୟାର ମୁକାବିଲା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ବିଭାଗ ୭୨ ଘଣ୍ଟା ପୂର୍ବରୁ ସାଧାରଣ ଲୋକଙ୍କୁ ସତର୍କ ସୂଚନା ଦେବ। ଏହାଦ୍ୱାରା ଲୋକେ ବାତ୍ୟାର ମୁକାବିଲା କରିବାରେ ସକ୍ଷମ ହୋଇ ପାରିବ। ତେବେ ଏଥିପାଇଁ ଜିଲା ଓ ବ୍ଲକ ସ୍ତରରେ ବିପର୍ଯ୍ୟୟ ପ୍ରଶମନ କମିଟିମାନ ଗଠନ କରାଯାଇ ପ୍ରତ୍ୟେକ ପଞ୍ଚାୟତରେ ଆପାଉମିତ୍ର ସ୍ୱେଚ୍ଛାସେବୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ ଡେରାବିଶ ଅଗ୍ନିଶମ ଅଧିକାରୀ ବନମାଳୀ ମାଝି ଯୋଗଦେଇ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିବା ବିଭିନ୍ନ ସଂସ୍ଥାର ସ୍ୱେଚ୍ଛାସେବୀମାନଙ୍କୁ ଆପାତ୍ତକାଳୀନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହ ବାତ୍ୟା ଓ ବନ୍ୟା ସମୟରେ ଘଟୁଥିବା ବିଭିନ୍ନ ପ୍ରକାର ବିପତ୍ତିର ମୁକାବିଲା ପାଇଁ ଗ୍ରାମରେ ଥିବା ସ୍ୱେଚ୍ଛାସେବୀମାନେ ଯୋଗଦେଇ ତାହାର କିଭଳି ମୁକାବିଲା କରିବେ, ଉପୁଡି ପଡିଥିବା ବିଭିନ୍ନ ଗଛକୁ କାଟି ସଫା କରିବା, ଅସୁରକ୍ଷିତ ପକ୍କା ଓ କଚ୍ଚା ଘରୁ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ବିଷୟରେ ଅଗ୍ନିଶମ ଅଧିକାରୀ ମାଝି ସୂଚନା ପ୍ରଦାନ କରିଥିଲେ। ଏଥିସହ ବିଭିନ୍ନ ସ୍ଥାନରେ ଖୋଲାଯାଇଥିବା ଆଶ୍ରୟସ୍ଥଳରେ ଗୃହପାଳିତ ପ୍ରାଣୀମାନଙ୍କୁ କିପରି ସୁରକ୍ଷା ଦିଆଯାଇ ପାରିବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ମାଝି କହିଥିଲେ। ଏହି ଅବସରରେ ଜିଲା ଅଗ୍ନିଶମ ବିଭାଗର ହାବିଲଦାର୍ ଦୀପକ କୁମାର ବାରିକ, ଆଗ୍ନିକ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଦୀପ କୁମାର ରାଉତ, ଦିଲୀପ ପାଲ୍‌ଙ୍କ ସହିତ ବହୁ ଆଗ୍ନିକ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସହ ବିଭିନ୍ନ ବିପତ୍ତିରୁ ନିଜ ପରିବାରକୁ କିପରି ସୁରକ୍ଷିତ କରିପାରିବ ସେ ସମ୍ବନ୍ଧରେ ମକ୍‌ଡ୍ରିଲ୍ ମଧ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟ ଭାରତୀ ସାଥୀ ସମାଜର ସମ୍ପାଦକ ନିରଞ୍ଜନ ସାହୁ, ଇନ୍ଦାଳୋ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବେହେରା, ସମିତିସଭ୍ୟ ମାମିନା ମଲ୍ଲିକ, ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, ପଞ୍ଚାୟତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ପ୍ରତିମା ସାମନ୍ତରାୟଙ୍କ ସମେତ ବହୁ ମହିଳା ସଦସ୍ୟ ଏବଂ ଯୁବ ସ୍ୱେଚ୍ଛାସେବୀ ପ୍ରଶାନ୍ତ ସାମନ୍ତରାୟ ଯୋଗ ଦେଇଥିଲେ।




ମକ୍‌ଡ୍ରିଲରେ ସାମିଲ ହୋଇଥିବା ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ।

# ପ୍ରତିବାଦରେ ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

## ବିଡିଓଙ୍କ ସରକାରୀ ବାସଭବନରୁ ୪ଥର ଚୋରି ଘଟଣା

■ରାଜକନିକା ପୋଲିସ ପ୍ରଶାସନର ନିଷ୍କ୍ରିୟତା

ରାଜକନିକା,୧୯।୬(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା କର୍ମଚାରୀମାନେ।

ବ୍ଲକର ମୁଖ୍ୟ କହିଲେ ବିଡିଓଙ୍କୁ ବୁଝାଇଥାଏ। ହେଲେ ପୋଲିସର ନିଷ୍କ୍ରିୟତା ଯୋଗୁ ବିଡିଓଙ୍କ ବାସଭବନ ଅସୁରକ୍ଷିତ ହୋଇପଡ଼ିଛି। ଫଳରେ ସାଧାରଣ ଲୋକଟିଏ ପୋଲିସ ପାଖରୁ କିଭଳି ନ୍ୟାୟ ପାଇବ ବୋଲି ଲୋକେ ଏବେ ଚିନ୍ତାରେ ପଡ଼ିଛନ୍ତି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ରାଜକନିକା ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କ କ୍ଷେତ୍ରରେ। ବିଡିଓ ପରିଡ଼ାଙ୍କ ସରକାରୀ ବାସଭବନରୁ ୬ ମାସରେ ୪ ଥର ଚୋରି ହୋଇଥିଲେ ହେଁ ରାଜକନିକା ଥାନା ପୋଲିସର ନିଷ୍କ୍ରିୟତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରତିବାଦରେ ବ୍ଲକ ପ୍ରଶାସନ ତଥା କାର୍ଯ୍ୟରତ ପଞ୍ଚାୟତସ୍ତରୀୟ କର୍ମଚାରୀମାନେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବ୍ଲକ ପରିସରରେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ସେମାନଙ୍କ କହିବା କଥା, ଜଣେ କାର୍ଯ୍ୟରତ ସରକାରୀ ଅଧିକାରୀ (ଓଏଏସ୍)ଙ୍କ ସରକାରୀ ବାସଭବନରୁ ବାରମ୍ବାର ରାତି ଏବଂ ଦିନଦ୍ୱିପ୍ରହରରେ ଚୋରି ହେଉଥିବା ଏବଂ ଚୋର ଖୁଲମ୍‌ଖୁଲା ବୁଲିବା, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ସାଜିବାରୁ କୋଉଠି ନା କୋଉଠି ଆମେ ସୁରକ୍ଷିତ ମଣୁନାହୁଁ। ବିଡିଓଙ୍କ ଦ୍ୱାରା ବାରମ୍ବାର ଲିଖିତ ଅଭିଯୋଗ, ଏପଟେ ଦୁର୍ବୃତ୍ତ ନିର୍ଦ୍ଦିଷ୍ଟ ଭାବେ ସରକାରୀ ଅଧିକାରୀ ଏବଂ ବାସଭବନରୁ ଚୋରି ପରେ ଚୋରି କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ପୋଲିସ ହାତ ଖାଲିକରି ବସିବା ପୋଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଦୂରଦୂରାନ୍ତରୁ ଆସି ପରିବାର ସହ କର୍ମଚାରୀମାନେ ସରକାରୀ ବାସଭବନରେ ରହୁଛନ୍ତି। ଯେତେବେଳେ ଆମ ଉପରିସ୍ଥ ଅଧିକାରୀ ସୁରକ୍ଷିତ ନୁହନ୍ତି, ଆମେ କେମିତି ସୁରକ୍ଷିତ ରହିବୁ। ଏହାକୁ ନେଇ ୧୩ ତାରିଖରେ ସମସ୍ତ କର୍ମଚାରୀ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲୁ। ଯଦି ୫ ଦିନ ମଧ୍ୟରେ ଦୁର୍ବୃତ୍ତଙ୍କୁ ଧରି ଚୋରି ଘଟଣାର ଖୁଲାସା ନ କରାଯାଏ, ତେବେ ଆମେ ସମସ୍ତ କର୍ମଚାରୀ ୧୯ରୁ ଅନିର୍ଦ୍ଦିଷ୍ଟକାଳ ଧାରଣା ଦେବାକୁ ଚେତାବନୀ ଦେଇଥିଲୁ। ପୋଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହେବାରୁ କଲମଛାଡ଼ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଛୁ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଅବଗତ କରାଇଛୁ।

ସୂଚନାଯୋଗ୍ୟ, ଜାନୁଆରୀ ୨୭, ମେ' ୧୮, ଜୁନ୍ ୧୩ ଓ ପୂର୍ବକୁ ମିଶାଇ ଲଗାତାର ୪ ଥର ବିଡିଓଙ୍କ ବାସଭବନରୁ ସୁନା, ରୁପା, ଟଙ୍କା, ଟିଭି, ସିସିଟିଭି ହାର୍ଡଡିସ୍କ ସହ ଆସବାବପତ୍ର ଚୋରି ହୋଇଛି। ବିଡିଓ ପରିଡ଼ା ମଧ୍ୟ ବାସଭବନରୁ ଚୋରି ସମ୍ପର୍କରେ ବାରମ୍ବାର ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏମିତିକି ବ୍ଲକ କଲୋନୀର ସରକାରୀ ବାସଭବନରେ ପରିବାର ସହ ରହୁଥିବା କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ଥିବାବେଳେ, ଆଖପାଖ କର୍ମଚାରୀ ଚୋରି ଭୟରେ କ୍ୱାର୍ଟର୍ସ ଛାଡ଼ି ଘରୁ ଯା'ଆସ କରୁଛନ୍ତି। ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ଏହି ଗଣଧାରଣାରେ ସୁବ୍ରତ ରଞ୍ଜନ ସାମଲ, ଦେବେନ୍ଦ୍ର ନାଥ ସିଂହ, ସୁରେନ୍ଦ୍ର ଦାସ, ପ୍ରତାପ ଚନ୍ଦ୍ର ସାହୁ, ପ୍ରତାପ ସେଠୀ, ପୂର୍ଣ୍ଣଶ୍ରୀ ସାହୁ, ଦୁଷ୍ମନ୍ତ ପାତ୍ର, ପ୍ରଦୀପ କୁମାର ଝାଙ୍କର, ମୃତ୍ୟୁଞ୍ଜୟ ବୁଦ୍ଧଦେବ ଦାସ, ନରହରି ବିସ୍ଵ, ରଞ୍ଜିତ କୁମାର ପରିଡ଼ା, ସୁଧାଂଶୁ ପାତ୍ର, ଶଶିକାନ୍ତ ରଣା, ବାବାଜୀ ଚରଣ ବେହେରା, ରଞ୍ଜନ କୁମାର ମହାନ୍ତି, ସର୍ବେଶ୍ୱର ବିଶ୍ୱାଳ, ବିଶ୍ୱପ୍ରକାଶ ବଳିଆରସିଂ, ନୱାଜ୍‌ଅଲ୍ଲୀ ଖାଁ, ଅନିତ୍ୟ ମିଶ୍ର, ପ୍ରଶାନ୍ତ ରାଉତ, ସାଗରିକା ବିଶ୍ୱାଳ, ମଧୁସ୍ମିତା ନନ୍ଦଙ୍କ ସମେତ ବ୍ଲକ ତଥା ପଞ୍ଚାୟତସ୍ତରୀୟ କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଆଇଆଇସି ଦିଲୀପ କୁମାର ଧଳଙ୍କୁ ପଚାରିବାରେ ତଦନ୍ତ ଚାଲିଛି। ସନ୍ଦିଗ୍ଧ ଦୁର୍ବୃତ୍ତମାନଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛୁ। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ସେ କହିଛନ୍ତି।

# ୮୯ ପ୍ରତିଶତ ଜମି ପଡ଼ିଆ ପଡ଼ିଛି

- ଘଡଘଡି,ବିଜୁଳି ମାରୁଛି, ବର୍ଷା ହେଉନି
- ଚାଷ ଆରମ୍ଭରୁ ଚାଷୀଙ୍କ ଚିନ୍ତା ବଢ଼ିଲା

ନୟାଗଡ,୧୯।୬(ଲୋକନାଥ ମିଶ୍ର)

ଆକାଶରେ ଘଡ଼ଘଡ଼ି ମାରୁଛି ଓ ବିଜୁଳି ଦେଖା ଦେଉଛି । ହେଲେ ବର୍ଷା ହେଉନି । ମୌସୁମୀ ଆଗମନରେ ବିଳମ୍ବ କାରଣରୁ ରଜ ଯିବା ପରେ ବି ବର୍ଷା ହେଉ ନ ଥିବାରୁ ଧାନ ଚାଷ ପ୍ରାରମ୍ଭରୁ ଚାଷୀର ଚିନ୍ତା ବଢ଼ିଲାଣି । ୧୧ ପ୍ରତିଶତ ଜମିରେ ଧାନ ବୁଣା ସରିଛି । ଶୁଖିଲି ତଳି ପକା ଯାଇଥିଲେ ମଧ୍ୟ ବର୍ଷା ହେଉ ନ ଥିବାରୁ ଗଛ ଉଠୁନି । ସେହିପରି ବର୍ଷା ଅଭାବରୁ ୮୯ ପ୍ରତିଶତ ଜମି ଚାଷ ନ ହୋଇ ପଡ଼ିଆ ପଡି ରହିଛି । ଏନେଇ ବାଲୁଗାଁର ଚାଷୀ କାବୁଲି ପ୍ରଧାନ କୁହନ୍ତି, କାଳ ବୈଶାଖି ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିଲା । ଚାଷ ପାଇଁ ବର୍ଷା ଠିକ୍ ନ ଥିଲେ ହେଁ ବହୁ କଷ୍ଟରେ ଚାଷ କରି ଧାନ ବୁଣିଛୁ । ପୁଣି କିଛି ଜମିରେ ଶୁଖିଲା ଧାନ ତଳି ପକାଇଛୁ । ହେଲେ ରଜ ଗଲା ପରେ ବି ବର୍ଷା ହେଉ ନାହିଁ । ଆମେ ଚାତକ ପକ୍ଷୀ ପରି ବର୍ଷାକୁ ଅନାଇ ରହିଛୁ । ନୂଆଗାଁ ବ୍ଲକ୍ ରାଇପୁର ଗାଁର ରବୀନ୍ଦ୍ର ବରାଡ କୁହନ୍ତି, ଚଳିତ ବର୍ଷ ଭଲ ବର୍ଷା ହେବ ନାହିଁ । ମୌସୁମୀ ପ୍ରଥମରୁ ହଇରାଣ କଲାନି । ବର୍ଷା ନ ହେବାରୁ ଚାଷୀର ନିଦ ହଜି ଗଲାଣି । ଆମ ଅଞ୍ଚଳର ଚାଷୀ ଧାନ ବୁଣି ବର୍ଷାକୁ ଅପେକ୍ଷା କରି ରହିଛୁ ବୋଲି କହିଛନ୍ତି । ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ଗାଁର ଅଭିମନ୍ୟୁ ଗୁମାନ ସିଂ କୁହନ୍ତି, ବର୍ଷାକୁ ଅପେକ୍ଷା କରି ଚାଷକୁ ବିଳମ୍ବ କଲେ କ୍ଷତିରେ ପଡିବୁ । ଏଣୁ ବର୍ଷାକୁ ଆଶା ରଖି ଶୁଖିଲି ଧାନ ତଳି ବୁଣିଛୁ । ପୁଣି ବିଲରେ ଧାନ ବୁଣିଛୁ । ରଜ ସମୟରେ ବର୍ଷା ହେବ ବୋଲି ଆମର ବିଶ୍ୱାସ ଥିଲା । ଏବେ ପାଣିପାଗ ବିଭାଗ କହୁଛି ସ୍ୱଳ୍ପ ଦିନ ଭିତରେ ବର୍ଷା ହେବ । ଆମେ ବର୍ଷାକୁ ଅପେକ୍ଷା କରି ରହିଛୁ । ଓଡ଼ଗାଁ ବ୍ଲକ ଗୋଡିପଡା ଗାଁର ଚାଷୀ ଗଣେଶ୍ୱର ମିଶ୍ର କୁହନ୍ତି, ବର୍ଷା ନ ଥିବାରୁ ଜମି ଚାଷ କରିନୁ । ବର୍ଷା ହେଲେ ପଡିଆ ଜମି ଚାଷ କରିବୁ । ପରେ ଧାନ ବୁଣିବୁ । ନ ହେଲେ ଧାନ ତଳି ପକାଇବୁ। ରଣପୁର ବ୍ଲକ ଲତାର ଗାଁର ଗୋବିନ୍ଦ କହଲସିଂ କୁହନ୍ତି, ଆମ ଅଞ୍ଚଳରେ ସବୁ ଜମି ପଡ଼ିଆ ପଡିଛି । ବର୍ଷା ହେଲା ପରେ ବିଲ କାଦୁଅ କରାଯିବ । ପରେ ତଳି ପଡିବ । ଆମେ ବର୍ଷାକୁ ଅପେକ୍ଷା କରିଛୁ। ପାଣିପୋଇଲା ଛକର ଚାଷୀ ମାଧବ ବେହେରା କୁହନ୍ତି, ସରକାରୀ ଧାନ ବିହନ ଆମେ କିଣୁନୁ । ନିଜେ ସଂରକ୍ଷଣ କରି ରଖିଥିବା ବିହନ ବୁଣୁଛୁ । ଚଳିତ ବର୍ଷ ଧାନ ବୁଣି ସାରିଛୁ । ବର୍ଷା ଭଲ ନ ହେଲେ ଧାନ କ୍ଷତି ହୋଇ ଯିବାର ଭୟ ରହିଛି । ଧାନ ନଷ୍ଟ ହୋଇଗଲେ ପୁଣି ତଳି ପାଇଁ ହଇରାଣ ହେବାକୁ ପଡିବ ବୋଲି ସେ କହିଛନ୍ତି । ଜିଲା ମୁଖ୍ୟ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ କୁହନ୍ତି, ବର୍ଷା ନ ଥିବାରୁ ଚାଷ ପଛେଇଛି । ଚାଷୀ ବର୍ଷାକୁ ଅପେକ୍ଷା କରି ରହିଛି ଧାନ ବୁଣିବାକୁ । ଧାନ ବିହନ କିଣିବାରେ ଚାଷୀର କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି ।



ପଡିଆ ପଡିଥିବା ଜମି।

# ଲିଫ୍ଟ ପାଇଁ ସ୍କାଇ ବ୍ରିଜ୍ କାମ ଆରମ୍ଭ

## ବରିଷ୍ଠ ନାଗରିକ,ଭିନ୍ନକ୍ଷମଙ୍କ ପାଇଁ ଶ୍ରୀନୀଳମାଧବଙ୍କ ଦର୍ଶନ ସହଜ ହେବ

ଖଣ୍ଡପଡ଼ା,୧୯।୬(ଅଜୟ କୁମାର ମହାରଣା)

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ପରିଚିତ। ମହାନଦୀ କୂଳ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ନୀଳମାଧବଙ୍କୁ ଦର୍ଶନ କରିବାରେ ବୟସ୍କ ଓ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଉକ୍ତ ଉଚ୍ଚ ପାହାଡ଼ ବାଧକ ସାଜିଥାଏ । ସେଥିପାଇଁ ଏକ ଲିଫ୍ଟ ନିର୍ମାଣ ପାଇଁ ବହୁ ବର୍ଷରୁ ପ୍ରସ୍ତାବ ରହିଥିଲା । ହେଲେ ବିଭିନ୍ନ କାରଣରୁ ତାହା ହୋଇ ପାରି ନ ଥିଲା । ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ନୀଳମାଧବଙ୍କ ପୀଠର ବିକାଶ ପାଇଁ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇ ସେହି କାମ ଚାଲିଛି । ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ମନ୍ଦିର ଉପରକୁ ଯିବା ନିମନ୍ତେ ଲିଫ୍ଟର ସ୍କାଇ ବ୍ରିଜ୍‌ର ଲୌହ ନିର୍ମିତ ପିଲାରକୁ କ୍ରେନ ସହାୟତାରେ ଯୋଡା ଯାଇ ଅଭିଜ୍ଞ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ମଙ୍ଗଳବାରଠାରୁ ସେହି କାମ ଆରମ୍ଭ ହୋଇଛି । ଓଡ଼ିଶା ସେତୁ ନିଗମ ମୁଖ୍ୟଯନ୍ତ୍ରୀ ଇଂ.ଶ୍ରୀଧର ରାଉତ, ନିର୍ବାହୀ ଯନ୍ତ୍ରୀ ଇଂ.ଚୈତନ୍ୟ ମାଝି, ପ୍ରକଳ୍ପ ପରିଚାଳକ ଇଂ.ଭକ୍ତହରି ଜେନା ଓ ଇଂ.ସୌମ୍ୟ ରଞ୍ଜନ ମଲିକ ପ୍ରମୁଖ ବିଧି ବ୍ୟବସ୍ଥା କ୍ରମେ ଉକ୍ତ କାମକୁ ତଦାରଖ କରୁଛନ୍ତି । ଆସନ୍ତା ଏକ ମାସ ମଧ୍ୟରେ ଲିଫ୍ଟ କାର୍ଯ୍ୟକାରୀ ହେବ ବୋଲି ସୂଚନା ମିଳିଛି ।



# କୁରାଳ ଫିଡରରେ ବିଦ୍ୟୁତ୍ ବିଭ୍ରାଟ



ବିଦ୍ୟୁତ୍ ବିଭ୍ରାଟ ପାଇଁ ଗ୍ରାମବାସୀ ଧାରଣା ଦେଇଛନ୍ତି।

## ଶତାଧିକ ଗ୍ରାମବାସୀଙ୍କ ଧାରଣା

ଓଡଗାଁ,୧୯।୬(ଆଦର୍ଶ କୁମାର ପଟ୍ଟନାୟକ )

ଓଡ଼ଗାଁ ବିଦ୍ୟୁତ୍ ସେକ୍ସନରୁ କୁରାଳ ଯାଇଥିବା ୩୩ କେଭି ଲାଇନ ବାରମ୍ବାର ବ୍ରେକ ଡାଉନ୍ ଯୋଗୁ କୁରାଳ ପଞ୍ଚାୟତ ସହିତ ଗିରିଡିପଲ୍ଲି ଓ ସୁନାମୁହିଁ ଅଞ୍ଚଳର ଉପଭୋକ୍ତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଉପଭୋକ୍ତା ବୁଧବାର ଅପରାହ୍ନ ୫ଟାରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ । ଓଡ଼ଗାଁ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ ଏବଂ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବିନୋଦ ମହାରଣା ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ବି ଧାରଣା ହଟି ନ ଥିଲା । ନୟାଗଡ଼ ଡିଭିଜିନାଲ ମ୍ୟାନେଜର ମୋବାଇଲ ମାଧ୍ୟମରେ ଧାରଣାରତ ଲୋକମାନଙ୍କ ସହ ଆଲୋଚନା କରିଥିଲେ । ଖୁବଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାତି ୮ଟାରେ ଧାରଣା ହଟିଥିଲା ।

ବିଶେଷ କରି ୩୩ କେଭି ଲାଇନରେ ବ୍ୟବହୃତ ପୁରୁଣା ଇନ୍ସୁଲେଟର ପରିବର୍ତ୍ତେ ପଲିମର ଇନ୍ସୁଲେଟର ବ୍ୟବହାର, ୩୩/୧୧ କେଭି ବିଦ୍ୟୁତ୍ ଲାଇନ ମରାମତି ପାଇଁ ଓଡ଼ଗାଁ ସେକ୍ସନ ଅଧୀନରେ ସ୍ୱତନ୍ତ୍ର ନିଯୁକ୍ତି, ଖୁବ୍‌ଶୀଘ୍ର ବିଦ୍ୟୁତ୍‌ଜନିତ ତ୍ରୁଟି ଜାଣିବା ଓ ତା'ର ନିରାକରଣ କରିବା । ବିଦ୍ୟୁତ୍ କାଟିବା ଓ ଯୋଗାଇବା ନିମନ୍ତେ ଭୁବନେଶ୍ୱରରେ ଥିବା ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରାଯାଇ ଉକ୍ତ ବ୍ୟବସ୍ଥାକୁ ମଣ୍ଡଳସ୍ତରୀୟ ଉପଲବ୍ଧ କରିବା । ବିଦ୍ୟୁତ୍ ସଂଯୋଗ କାଟିବା ଓ ଯୋଗାଣ କରିବା ପାଇଁ ଅଯଥା ବିଳମ୍ବକୁ ଏଡାଇବା ଉପରେ ଆନ୍ଦୋଳନକାରୀମାନେ ଗୁରୁତ୍ୱାରୋପ କରିଛନ୍ତି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତ୍



@ ରୋଜାଲିନ



@ ସୁଶାନ୍ତ



@ ଜିତୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ




ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ସଭାରେ ମଞ୍ଚାସୀନ ଅତିଥି।

ଗଣିଆ,୧୯।୬(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହି ଗ୍ରାମରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ସୋମବାର ଜାତୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଛାମୁଣ୍ଡିଆ ସରପଞ୍ଚ ତଥା ବାତ୍ୟାଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭାପତି ଦିପ୍ତିରେଖା ସେନାପତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଗଣିଆ ବିଡିଓ ବେବିତା ମଞ୍ଜରୀ ନାୟକ , ଗଣିଆ ତହସିଲଦାର ପ୍ରୀତିବାଳା ରଣା, ଗଣିଆ ଅଗ୍ନିଶମ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ସାମଲ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବେଠିଆସାହି, ବଡମୂଳ ଓ ନିକଟସ୍ଥ ଗ୍ରାମରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଆଜିର ଦିବସ ପାଳନ ସମ୍ପର୍କରେ ଅତିଥିମାନେ ଲୋକଙ୍କୁ ବୁଝାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଜାତୀୟ ବିପର୍ଯ୍ୟୟ ବନ୍ୟା, ବାତ୍ୟା, ଭୂମିକମ୍ପ,ଦୁର୍ଘଟଣା, ନିଆଁ ଘେରରେ ଥିବା ସମୟରେ ତଥା ଅନ୍ୟ ସମୟରେ ବିପନ୍ନ ଲୋକଙ୍କୁ କିପରି ଉଦ୍ଧାର କରାଯିବ, ଉଦ୍ଧାର ପରେ ପ୍ରାଥମିକ ଚିକିତ୍ସା ଆଦି କାର୍ଯ୍ୟ କିପରି କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଏଥିସହ ଲାଇଫ୍ ଜ୍ୟାକେଟ,ଲାଇଫ୍ ଗାର୍ଡର ବ୍ୟବହାର,ନଦୀରେ ବୁଡିଯାଉଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ,ସାପ କାମୁଡିଲେ ତାର ପ୍ରାଥମିକ ଚିକିତ୍ସା ପଦ୍ଧତି ନେଇ ସୂଚନା ଦେଇଥିଲେ । ସେହିପରି ବେଲପଡାପାଟଣା ପଞ୍ଚାୟତ ୱାଲିପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବୁଧବାର ଏହି ବିପର୍ଯ୍ୟୟ ପ୍ରଶମନ ଦିବସ ଅନୁରୂପ ଭାବେ ପାଳିତ ହୋଇଯାଇଛି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

## ୪୮ ୟୁନିଟ୍ ରକ୍ତ ସଂଗୃହୀତ

ଓଡ଼ଗାଁ,୧୯।୬
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ କୁରାଳ ଗ୍ରାମ ପଞ୍ଚାୟତ ଦଣ୍ଡୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଯାଇଛି। ମା' ପାଣିଷଣ୍ଢ ୟୁଥ୍ କ୍ଲବ ଦ୍ୱାରା ଆୟୋଜିତ ଶିବିରରେ ପ୍ରଥମେ ଦୁଇ ଛାତ୍ରୀ ପ୍ରଜ୍ଞାପରମିତା ରାଉତ ଓ ଗାୟତ୍ରୀ ବେହେରା ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ନୟାଗଡ଼ର ବରିଷ୍ଠ ଶିକ୍ଷକ ଦାମୋଦର ସାହୁ,ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ବିଜନ କୁମାର ପାଇକରାୟ,ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ, ଗଣେଶ୍ୱର ସାହୁ, ଅର୍ଜୁନ ସାହୁ ଓ ଶିକ୍ଷକ ଯଶୋବନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। କୋମଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ନରେଶ ନାୟକଙ୍କ ସମେତ ନୟାଗଡ଼ ରକ୍ତ ଭଣ୍ଡାରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଅରୋମୀରା ଟ୍ରଷ୍ଟ କୁରାଳ ତରଫରୁ ପ୍ରଥମକରି ରକ୍ତଦାନ କରିଥିବା ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି ପ୍ରସନ୍ନ କୁମାର ରାଉତ,ସମ୍ପାଦକ ପ୍ରଦୋଷ କୁମାର ରାଉତ ଓ ବରିଷ୍ଠ ସଭ୍ୟ ଶାନ୍ତନୁ କୁମାର ବିଶୋଇ ଉକ୍ତ ଶିବିରକୁ ପରିଚାଳନା କରିଥିଲେ ।

# ମିଳିତ ସହଯୋଗରେ ନୂଆଗାଁ, ଗଣିଆର ବିକାଶ ହେବ

## କନ୍ଧମାଳ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

ନୂଆଗାଁ/ଗଣିଆ,୧୯।୬
(ଧନେଶ୍ୱର ସାହୁ/ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ନୂଆଗାଁ ଓ ଗଣିଆ ଜନସାଧାରଣଙ୍କ ତରଫରୁ ବୁଧବାର କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ କୃଷିମିତ୍ରମାନଙ୍କୁ କୃଷି ଶକ୍ତି ବା ପାରା ଏକ୍ସଟେନଶନ ୱାର୍କର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଏମ୍‌ପି ପାଣିଗ୍ରାହୀ ନୂଆଗାଁ ଡାକ ବଙ୍ଗଳାରେ ପହଞ୍ଚିବା ପରେ ନୂଆଗାଁ ଅଞ୍ଚଳବାସୀ ତାଙ୍କୁ ଏକ ଶୋଭାଯାତ୍ରାରେ ନୂଆଗାଁ ବ୍ଲକ କାର୍ଯ୍ୟାଳୟକୁ ପାଛୋଟି ଆଣିଥିଲେ। ନୂଆଗାଁ ବିଡିଓ ବାସୁଦେବ ନାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ନୂଆଗାଁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଭାଗୃହରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଦେଶର ବିକାଶ ଚିନ୍ତା କରୁଛନ୍ତି। ତେଣୁ ଆମେ ତଳସ୍ତରରୁ ବିକାଶ କରି ପାରିଲେ ରାଜ୍ୟ ଓ ଦେଶର ବିକାଶ ହୋଇ ପାରିବ । ତେଣୁ ସମସ୍ତଙ୍କ ମିଳିତ ସହଯୋଗରେ ଆମେ ନୂଆଗାଁ ଓ ଗଣିଆ ବ୍ଲକର ବିକାଶ କରିବା ସହ ଦେଶର ମଧ୍ୟ ବିକାଶ କରି ପାରିବା ବୋଲି ଏମ୍‌ପି ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ । ଏମ୍‌ପିଙ୍କ ଆଭିମୁଖ୍ୟକୁ ପୂରଣ କରିବା ପାଇଁ ସମସ୍ତ ଅଧିକାରୀ କର୍ମଚାରୀ ମିଳିତ ସହଯୋଗ କରିବାର ଆବଶ୍ୟକତା ରହିଛି ବୋଲି ବିଡିଓ କହିଥିଲେ । ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ୪୭ ଜଣ କୃଷିମିତ୍ରଙ୍କୁ ଏମ୍‌ପି କୃଷି ଶକ୍ତି ବା ପାରା ଏକ୍ସଟେନଶନ ୱାର୍କର ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁଙ୍କ ସମେତ ନୂଆଗାଁ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ ।

ସେହିପରି ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଏମ୍‌ପିଙ୍କୁ ଏକ ବିରାଟ ପଟୁଆରରେ ସ୍ୱାଗତ କରାଯାଥିଲା । ଏହି ଅବସରରେ ଏମ୍‌ପି ପାଣିଗ୍ରାହୀ କିଶୋରପ୍ରସାଦ ପଞ୍ଚାୟତର କିଶୋରପ୍ରସାଦ,ଇନ୍ଦିପଟା ପଣ୍ଡାରସିଂହା, ପତୁରିଆ, ପୂର୍ଣ୍ଣଚନ୍ଦ୍ରପୁର ଓ ନିଜ ଗାଁ ମାଟି ପତଣ୍ଡା ଓ ଗଣିଆଗ୍ରାମ ବୁଲି ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ! ପରେ ଗଣିଆର ଆରାଧ୍ୟ ଠାକୁର ଶ୍ରୀ ରଘୁନାଥ ଜୀଉ ମନ୍ଦିରରେ ପହଁଞ୍ଚି ଶ୍ରୀରାମଙ୍କୁ ଦର୍ଶନ କରିଥିଲେ । ପରେ ମନ୍ଦିର ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା , ଗଣିଆ ମଣ୍ଡଳ ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପାଣିଗ୍ରାହୀ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗିରିଶ ଚନ୍ଦ୍ର ମିଶ୍ର, ସରପଞ୍ଚ ସଂଘର ସଭାପତି ମାନସ କୁମାର ମହାକୁଡ଼ ଓ ସମ୍ପାଦକ ଗିରିଧାରୀ ସେଠୀଙ୍କ ସମେତ ସରପଞ୍ଚ, କିଶୋରପ୍ରସାଦ ସମିତି ସଭ୍ୟା ରଞ୍ଜିତା ବେହେରା ଓ ଗଣିଆ ସମିତି ସଭ୍ୟ ଫକୀର ମୋହନ ଡାକୁଆ, ନୟାଗଡ଼ ଜିଲା ସମ୍ପାଦକ ଚନ୍ଦ୍ରଶେଖର ଦାସ ଓ ଗଣିଆ ମଣ୍ଡଳ ସାଧାରଣ ସମ୍ପାଦକ ଶୁଭାଶିଷ ମିଶ୍ର ଉପସ୍ଥିତ ଥିଲେ ।



ଏମ୍‌ପି ସୁକାନ୍ତ ପାଣିଗ୍ରାହୀ ଜଣେ କୃଷିମିତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି ।

